## ସଂକ୍ଷେପରେ



### ଶିବରାତ୍ରି ଲାଗି ପ୍ରସ୍ତୁତି ଜୋର୍‌ଦାର

**ଗୁଣପୁର,୧୮।୨(ଡି.ଏନ.ଏ):** ଆସନ୍ତା ୨୧ ତାରିଖରେ ମହାଶିବରାତ୍ରି। ଏଥିପାଇଁ ଗୁଣପୁର ଏବଂ ଏହାର ଆଖପାଖ ଅଞ୍ଚଳ ଚଳଚଞ୍ଚଳ ହୋଇପଡିଛି। ସବୁଠି ପ୍ରସ୍ତୁତି ଜୋରଦାରରେ ଚାଲିଛି। ଶିବମନ୍ଦିର ସହ ଶୈବ ପୀଠଗୁଡିକରେ ଯାତ୍ରା ପାଇଁ ବିଭିନ୍ନ କାର୍ଯ୍ୟ ଚାଲୁ ରହିଛି। ମନ୍ଦିରରେ ରଙ୍ଗ ଦିଆ ସହ ସଫେଇ କାର୍ଯ୍ୟ କରାଯାଇଛି। ମହାଦୀପ ଉଠାଯିବା ପାଇଁ ସମୟ ନିର୍ଘଣ୍ଟ କରାଯିବାସହ ଲିଙ୍ଗାଭରଣ, ରୁଦ୍ରାଭିଷେକ ଏବଂ ଜାଗର ନୀତି ପାଇଁ ମନ୍ଦିର କମିଟି ପକ୍ଷରୁ ସ୍ଥିର ହୋଇଛି। ଜାଗରକୁ ଦୃଷ୍ଟିରେ ରଖି ଭଜନ ସଂକୀର୍ତ୍ତନ ମଧ୍ୟ ଆୟୋଜନ କରାଯାଇଛି। ମନ୍ଦିରଗୁଡିକ ଆଲୋକମାଳାରେ ସଜ୍ଜା ଯାଇଛି। କଲେଜ ନିକଟ କାଶୀବିଶ୍ୱନାଥ ମହାଶମ୍ଭୁ, ସେଫାଳି ପାହାଡାସ୍ଥିତ ରାମେଶ୍ୱର ମନ୍ଦିର, ବିକ୍ରମପୁରସ୍ଥିତ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ, ସହର ମଧ୍ୟରେ ଥିବା ବାଘୁଆ ଦେଉଳ, ନୀଳକଣ୍ଠେଶ୍ୱର, ମହାମୃତ୍ୟୁଞ୍ଜୟ ମନ୍ଦିର, ତୁର୍କାନିଗୁଡା ନୀଳକଣ୍ଠେଶ୍ୱର ମନ୍ଦିରରେ ଶିବରାତ୍ରି ପାଇଁ ପ୍ରସ୍ତୁତି ସରିଛି।

### ୧୧ ଦିବ୍ୟାଙ୍ଗ ଦମ୍ପତିଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ



**ରାୟଗଡ଼ା ଅଫିସ ,୧୮।୨:** ରାୟଗଡ଼ା ଜିଲା ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ମଙ୍ଗଳବାର ୧୧ ଦିବ୍ୟାଙ୍ଗ ଦମ୍ପତିଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ବିବାହ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ସେହିପରି ଯୁକ୍ତ ୩ ଛାତ୍ରଙ୍କୁ ଲାପଟପ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲାପାଳ ପ୍ରମୋଦ କୁମାର ବେହେରା ଯୋଗ ଦେଇ ଏହା ବଣ୍ଟନ କରିଥିଲେ। ଏଥିରେ ରାୟଗଡ଼ା ଉପ ଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଆଦିପତି କଅଁର, କୋଲନରା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

### ବାର୍‌ହା ଫାଶରେ ପଡ଼ି ଯୁବକଙ୍କ ମୃତ୍ୟୁ ମାମଲା
### ସଂଘବଦ୍ଧ ଆକ୍ରମଣରେ ୨ ଆହତ

**ବୈପାରୀଗୁଡ଼ା,୧୮।୨(ଡି.ଏନ୍.ଏ.):** ମାସକ ତଳେ ବାରହା ଶିକାରୀଙ୍କ ବିଦ୍ୟୁତ ଫାଶରେ ପଡ଼ି ମୃତ୍ୟୁ ମାମଲାରେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେବାରୁ ମୃତକଙ୍କ ସମ୍ପର୍କୀୟମାନେ ସଂଘବଦ୍ଧ ଭାବେ ଅଭିଯୁକ୍ତଙ୍କ ପରିବାର ଲୋକଙ୍କ ଉପରେ ଆକ୍ରମଣ କରିଛନ୍ତି। ଆକ୍ରମଣରେ ୨ ଜଣ ଆହତ ହୋଇ ରାମଗିରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ମଙ୍ଗଳବାର ମୃତକଙ୍କ ସଂପର୍କୀୟମାନେ ସଂଘବଦ୍ଧ ଭାବେ ଅଭିଯୁକ୍ତଙ୍କ ସଂପର୍କୀୟଙ୍କ ଉପରେ ଆକ୍ରମଣ କରିଛନ୍ତି। ଏହି ଆକ୍ରମଣରେ ଭିକାରୀ କିର୍ସାନି ଓ ସାଦେବ କିର୍ସାନି ଆହତ ହୋଇଛନ୍ତି। ଭିକାରୀଙ୍କ ମୁଣ୍ଡ ଫାଟି ଯାଇଛି। ରକ୍ତାକ୍ତ ଅବସ୍ଥାରେ ସେମାନଙ୍କୁ ରାମଗିରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା।

# କଂଗ୍ରେସକୁ ଫାଇଦା ଦେବ ଭାଜପା ହ୍ୱିପ୍

**ରାୟଗଡ଼ା ଅଫିସ,୧୮।୨**

- ଆଜି ଜିଲା ପରିଷଦ ଅଧ୍ୟକ୍ଷ ନିର୍ବାଚନ
- ଭୋଟିଂରୁ ନିବୃତ୍ତ ରହିବେ ଭାଜପା ସଭ୍ୟ

ରାୟଗଡ଼ା ଜିଲା ପରିଷଦ ଅଧ୍ୟକ୍ଷ ପଦ ପାଇଁ ବୁଧବାର ନିର୍ବାଚନ ଅନୁଷ୍ଠିତ ହେବ। ଏହା ପୂର୍ବରୁ କଂଗ୍ରେସ ଓ ଭାଜପା ନିଜ ଦଳର ଜିଲା ପରିଷଦ ସଭ୍ୟଙ୍କ ପାଇଁ ମଙ୍ଗଳବାର ହ୍ୱିପ୍ ଜାରି କରିଛନ୍ତି। କଂଗ୍ରେସ ଚୟନ କରିଥିବା ନିଜ ଦଳର ଜିଲା ପରିଷଦ ଅଧ୍ୟକ୍ଷ ପ୍ରାର୍ଥୀଙ୍କୁ ଭୋଟ ଦେବା ପାଇଁ ହ୍ୱିପ୍ ଜାରି କରାଯାଇଥିବା ସମ୍ପର୍କରେ କୋରାପୁଟ ଏମ୍‌ପି ସପ୍ତଗିରି ଶଙ୍କର ଉଲ୍ଲାକା ସୂଚନା ଦେଇଛନ୍ତି। ସେହିପରି ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ଏକ ପତ୍ର ମାଧ୍ୟମରେ ହ୍ୱିପ୍ ଜାରି କରିଛନ୍ତି। ସେଥିରେ ଭାଜପା ସଦସ୍ୟଙ୍କୁ ଜଣାଇ ଦିଆଯାଇଛି ଯେ ବୁଧବାର ହେବାକୁ ଥିବା ଜିଲା ପରିଷଦ ଅଧ୍ୟକ୍ଷ ନିର୍ବାଚନରେ ଦଳର ୪ ଜଣ ଜିଲା ପରିଷଦ ସଦସ୍ୟ ଭୋଟଦାନରୁ ନିବୃତ୍ତ ରହିବେ। ଉଲ୍ଲେଖଯୋଗ୍ୟ, ବୁଧବାର ହେବାକୁ ଥିବା ଜିଲା ପରିଷଦ ଅଧ୍ୟକ୍ଷ ନିର୍ବାଚନରେ କଂଗ୍ରେସର ୧୦, ବିଜେଡିର ୭ ଓ ଭାଜପାର ୪ ଜଣ ସଦସ୍ୟ ରହିଛନ୍ତି। ଏହି ପ୍ରକାର ହ୍ୱିପ୍ ଯୋଗୁ କଂଗ୍ରେସ ଦଳର ଜିଲା ପରିଷଦ ଅଧ୍ୟକ୍ଷ ପ୍ରାର୍ଥୀଙ୍କ ବିଜୟ ସମ୍ଭାବନା ଆହୁରି ବଢ଼ିଯାଇଛି। ଯଦି ସେପରି କିଛି କ୍ରସ ଭୋଟିଂ ନ ହୁଏ, ତେବେ ରାୟଗଡ଼ା ଜିଲା ପରିଷଦ ଅଧ୍ୟକ୍ଷ ପଦବୀ କଂଗ୍ରେସ ହାତକୁ ଯିବା ଏକ ପ୍ରକାର ନିଶ୍ଚିତ ବୋଲି ରାଜନୈତିକ ସମୀକ୍ଷକ ଚର୍ଚ୍ଚା କରୁଛନ୍ତି। ସଂଖ୍ୟା ବଳ ଓ ବର୍ତ୍ତମାନର ରାଜନୈତିକ ପାଣିପାଗ କଂଗ୍ରେସକୁ ସୁହାଉଥିବା ବେଳେ ଏନେଇ ଦଳୀୟ ନେତା ଓ କର୍ମୀ ଉତ୍ସାହିତ ଅଛନ୍ତି। ତେବେ ଜିଲା ପରିଷଦ ଅଧ୍ୟକ୍ଷ ପଦ ପାଇଁ ଆଶାୟୀ ଅନେକ ଥିବାବେଳେ ସେମାନଙ୍କ ମଧ୍ୟରୁ କିଏ ପ୍ରାର୍ଥୀ ହେଉଛନ୍ତି, ତାହା ଦେଖିବାକୁ ସମସ୍ତେ ଉତ୍ସୁକତା ପ୍ରକାଶ ପାଉଛି।

## ରାଜ୍ୟ ବଜେଟରେ ରାୟଗଡ଼ାବାସୀଙ୍କ ପ୍ରତିକ୍ରିୟା

### ରାୟଗଡ଼ାବାସୀଙ୍କୁ ନିରାଶ କରିଛି ବଜେଟ



ରାଜ୍ୟ ସରକାରଙ୍କ ୨୦୨୦-୨୧ ବଜେଟ୍ ଏକ ଉତ୍ତମ ବଜେଟ। କିନ୍ତୁ ଏହା ରାୟଗଡ଼ାବାସୀଙ୍କୁ କିଛିଟା ନିରାଶ କରିଛି। ରାୟଗଡ଼ାରେ ମେଡ଼ିକାଲ କଲେଜ ନିମନ୍ତେ ଏହି ବଜେଟରେ କୌଣସି ପ୍ରାବଧାନ ନାହିଁ। ଦେଶର ୨ୟ ରାଜ୍ୟରେ ପ୍ରଥମ କାଗଜ ବିହୀନ ବଜେଟ ପ୍ରସ୍ତୁତ କରାଯାଇଛି। ଯାହା ପରିବେଶ ନିମନ୍ତେ ଅତ୍ୟନ୍ତ ସ୍ୱାଗତଯୋଗ୍ୟ ପଦକ୍ଷେପ ଅଟେ। ପୁଣି ଅଭିବୃଦ୍ଧିର ହାର ୬ ପ୍ରତିଶତରୁ ଅଧିକ ଆକଳନ କରାଯାଇଛି। ଯାହା ଦେଶର ଅଭିବୃଦ୍ଧିର ହାରଠାରୁ ଅଧିକ। ଏହା ସହ ଗ୍ରାମାଞ୍ଚଳକୁ ଅଧିକ ଗୁରୁତ୍ୱ ଦିଆଯାଇଛି।

– ଏନ. ସୁରେଶ, ଚାର୍ଟାର୍ଡ଼ ଆକାଉଣ୍ଟାଣ୍ଟ

### ଚଳିତ ବଜେଟ ନିରୁତ୍ସାହଜନକ



ଚଳିତ ବଜେଟ ନିରୁତ୍ସାହଜନକ। ଉନ୍ନୟନମୂଳକ ପାଣ୍ଠିକୁ ଏକ କୋଟିରୁ ୩ କୋଟିକୁ ବୃଦ୍ଧି କରି ଦୁର୍ନୀତି ବଢ଼ିବାକୁ ସୁଯୋଗ ଦିଆଯାଇଛି। ଏଥର ବଜେଟରେ କୌଣସି ନୂତନତ୍ୱ ନାହିଁ।

– ଶିବ ପଟ୍ଟନାୟକ, ଭାଜପା ଜିଲା ସଭାପତି

### କୃଷି କ୍ଷେତ୍ରକୁ ଗୁରୁତ୍ୱ



ରାଜ୍ୟ ସରକାରଙ୍କ ଚଳିତ ବଜେଟ ଅତି ଉତ୍ତମ। ପେପର ବିହୀନ ପରିବେଶ ସୁରକ୍ଷା ପାଇଁ ଏକ ଉଦାହରଣ। ଅଭିବୃଦ୍ଧିର ହାର ଶିକ୍ଷା,ସ୍ୱାସ୍ଥ୍ୟରେ ଅର୍ଥ ବିନିଯୋଗ ରାଜ୍ୟର ସମୃଦ୍ଧି କରିବ। ବିଶେଷ ଭାବରେ କୃଷି କ୍ଷେତ୍ରକୁ ଗୁରୁତ୍ୱ ଦିଆଯାଇଛି। ଏଥିସହ ଏହି ବଜେଟ ରୋଜଗାର ସୃଷ୍ଟି କରିବ। ପୁରୀ ମନ୍ଦିର ଓ ଲିଙ୍ଗରାଜ ମନ୍ଦିର ଲାଗି ଅର୍ଥ ବରାଦ କରିବା ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ। ଏହା ଏକ ଲୋକାଭିମୁଖୀ ବଜେଟ ବୋଲି ଆଶା ପ୍ରକଟ କରୁଛି।

– ବବିଲତା ସରାଫ, ଅଧ୍ୟାପିକା,ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ

### ସର୍ବସାଧାରଣଙ୍କ ହେବ ଉନ୍ନତି



ଏହି ବଜେଟଟି ସର୍ବସାଧାରଣଙ୍କ ନିମନ୍ତେ ଉନ୍ନତିମୂଳକ। ଏହି ବଜେଟରେ ରୋଜଗାର ଓ ସଞ୍ଚୟର ସମ୍ଭାବନା ରହିଛି। ଏଥିରେ ସମସ୍ତଙ୍କ ପାଇଁ କିଛି ନା କିଛି ରହିଛି। ଆଶା କରେ ବଜେଟ ଦ୍ୱାରା ଆମ ପରିବାର ମଧ୍ୟ ଲାଭବାନ ହେବ।

– ରଶ୍ମିତା ବେହେରା, ଗୃହିଣୀ

# ସାଇବର ଅପରାଧ ନେଇ ଆଲୋଚନା




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ରାୟଗଡ଼ା ଅଫିସ,୧୮।୨**

## ସାଇବର ଆଇନ ସଚେତନତା ଶିବିର

ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଗୋଲଡ଼େନ ଜୁବଲି କନଫରେନ୍ସ ହଲରେ ଜିଲା ଆଇନ ସେବା ପ୍ରାଧିକରଣ ଦ୍ୱାରା ଏକ ସାଇବର ଆଇନ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଦୌରା ଜଜ୍ ଚିତ୍ତରଞ୍ଜନ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପରିବାର ଅଦାଲତ ଜଜ୍ ଆଶିଷ କୁମାର ତ୍ରିପାଠୀ, ରାୟଗଡ଼ା ଆରକ୍ଷୀ ଅଧୀକ୍ଷକ ଡ଼. ଶ୍ରବଣ ବିବେକ ଏମ, ଜିଲା ଆଇନ ସେବା ପ୍ରାଧିକରଣ ସମ୍ପାଦକ ମନୋରଞ୍ଜନ ମିଶ୍ର, ବରିଷ୍ଠ ଦେୱାନୀ ବିଚାରପତି ଶତରୂପା ଶତପଥୀ, ଅନୁବିଭାଗୀୟ ଦଣ୍ଡାଧିକାରୀ ରାଜେନ୍ଦ୍ର କୁମାର ଦାସ, ନ୍ୟାୟାଧିକାରୀ ଗ୍ରାମ୍ୟ ନ୍ୟାୟାଳୟ ବୈଶାଳୀ ନାୟକ, ରାୟଗଡ଼ା ସ୍ୱୟଂଶାସିତ ମହା ବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫୁଲ୍ଲ ଚନ୍ଦ୍ର ସେନାପତି, ଜିଲା ସମାଜ ମଙ୍ଗଳ ଅଧିକାରୀ ନନ୍ଦଲାଲ ବିଶ୍ୱାଳ, ଏସ୍‌ଡ଼ିପିଓ ତପନ ନାରାୟଣ ରଥ ମଞ୍ଚସୀନ ଥିଲେ। ଆଜିକାଲି ପିଲାମାନଙ୍କଠାରୁ ଆରମ୍ଭ କରି ସବୁବର୍ଗର ଲୋକେ ମୋବାଇଲ ଫୋନ ଏବଂ କମ୍ପ୍ୟୁଟର, ଇଣ୍ଟରନେଟର ବହୁଳ ବ୍ୟବହାର କରୁଛନ୍ତି। ସୂଚନା ଏବଂ ପ୍ରଯୁକ୍ତି ବିଦ୍ୟାର ଉନ୍ନତି ହୋଇଛି। ଏହା ଆମ ପାଇଁ ଭଲ। ଏହାର ସଦୁପଯୋଗ କରିବା ଓ ଏହାର ଖରାପ ବ୍ୟବହାର କରିବା ନାହିଁ ବୋଲି ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ କହିଥିଲେ। ସାଇବର ଅପରାଧ କଣ ଏହାଠାରୁ କିପରି ନିଜକୁ ସୁରକ୍ଷିତ ରଖିପାରିବା ସେନେଇ ଅତିଥିମାନେ ସଚେତନ କରାଇଥିଲେ। କୌଣସି ଅଜାଣତ ବ୍ୟକ୍ତିଙ୍କୁ ସାଧାରଣରେ ବିଶ୍ୱାସ କରିବା ଉଚିତ୍ ନୁହେଁ। ମହିଳାମାନେ ନିଜ ବ୍ୟକ୍ତିଗତ ତଥ୍ୟ, ଫଟୋ, ଭିଡ଼ିଓ କିମ୍ବା ଅନ୍ୟ କୌଣସି ସୂଚନା କାହାରିକୁ ନ ଦେବା, ମୋବାଇଲ ଏବଂ ନୂତନ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର ସତର୍କତା ସହ କରିବାକୁ ବରିଷ୍ଠ ଦେୱାନୀ ବିଚାରପତି ଶତପଥୀ ପିଲାମାନଙ୍କୁ କହିଥିଲେ। ଇମେଲରେ କୌଣସି ନିଜର ବ୍ୟକ୍ତିଗତ ତଥ୍ୟ ପ୍ରଦାନ କରନ୍ତୁ ନାହିଁ, ମିଥ୍ୟା ଫେସବୁକ ଆକାଉଣ୍ଟ କରିବା, ବ୍ୟାଙ୍କରୁ ଫୋନ କରୁଛୁ କହି ବ୍ୟକ୍ତିଗତ ଡ଼ାଟା ମାଗିବା, ଏପରି ଅନେକ ସାଇବର ଅପରାଧ ବିଷୟରେ ପିଲାଙ୍କୁ ଅବଗତ କରାଯାଇଥିଲା। ପୋଲିସ ଦ୍ୱାରା ସାଇବର କ୍ରାଇମ କମିବ ନାହିଁ, ଏଥିପାଇଁ ବ୍ୟକ୍ତିଗତ ସଚେତନ ନିହାତି ଜରୁରୀ ବୋଲି ମତ ପ୍ରକାଶ ପାଇଥିଲା। ଏଥିସହ ସାଇବର ଅପରାଧ ଘଟାଇଥିବା ବ୍ୟକ୍ତିଙ୍କ ପାଇଁ ଥିବା ଦଣ୍ଡବିଧାନ ବିଷୟରେ ମଧ୍ୟ କହିଥିଲେ।

## ମେଗା ରକ୍ତଦାନ ଶିବିର

**ଗୁଣପୁର,୧୮।୨(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟଠାରେ ମଙ୍ଗଳବାର ଏନ୍‌ଏସ୍‌ଏସ୍ ୟୁନିଟ ପକ୍ଷରୁ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ଶାନ୍ତିପ୍ରଭା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମୋଟ ୩୩୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ବିଶ୍ୱବିଦ୍ୟାଳୟ ସ୍କୁଲ ଅଫ ଇଂଜିନିୟରର ଡିନ ଡ. ସି.ଭି. ରେଡ୍ଡୀ, ଡ.ସଞ୍ଜୟ କଅଁର, ପ୍ରଫେସର ଆଶିଷ ସାମଲ ପ୍ରମୁଖ ରକ୍ତଦାନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସଂଗୃହୀତ ରକ୍ତରୁ ପାରଳାଖେମୁଣ୍ଡି ରକ୍ତଭଣ୍ଡାରକୁ ୭୦ ୟୁନିଟ, ରାୟଗଡା ରକ୍ତଭଣ୍ଡାରକୁ ୧୭୦ ୟୁନିଟ, ଗୁଣପୁର ରକ୍ତଭଣ୍ଡାରକୁ ୯୦ ୟୁନିଟ ରକ୍ତ ପ୍ରଦାନ କରାଯାଇଥିଲା। ବିଭିନ୍ନ ରକ୍ତଭଣ୍ଡାର ଡାକ୍ତରଙ୍କ ସମେତ ଟେକ୍ନିସିଆନ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ। ଏନ୍‌ଏସ୍‌ଏସ୍‌ର ସଂଯୋଜକ ଡ.ପ୍ରେମାଂଶୁ ଶେଖର ରଥ, କାର୍ଯ୍ୟକ୍ରମ ଅଧିକାରୀ ତାପସ ଛୁଆଲସିଂ, ରଶ୍ମିପ୍ରଭା ମହାରଣା, ଭି.ଗଣେଶ, ରଶ୍ମିତା ପାଣିଗ୍ରାହୀ, ମୈତ୍ରୀ ରାଉତ, କେ.ବିକାଶ, ଏସ.ଶିବାଜୀ, ଡ. ଏସ.ଏସ. ପାଢୀ, କୃଷ୍ଣ ପ୍ରସାଦ ଦାସ, ସୁନିଲ ବେବର୍ତ୍ତା ଏବଂ ଜସିଲ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଗଞ୍ଜେଇ ଜବତ, ଜଣେ ଗିରଫ

**ଗୁଣପୁର,୧୮।୨(ଡି.ଏନ.ଏ)**



ଜବତ ଗଞ୍ଜେଇ ସହ ଗିରଫ ଅଭିଯୁକ୍ତ।

ରାୟଗଡା ଜିଲା ଗୁଡାରି ପୋଲିସ ୭୪ କେଜି ୨୮୦ ଗ୍ରାମ ଗଞ୍ଜେଇ ଜବତ କରିବା ସହ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ନରସମୀ କିମ୍ବକା। ଏହାର ଆନୁମାନିକ ମୂଲ୍ୟ ୭ ଲକ୍ଷ ଟଙ୍କା ହେବ। ମଙ୍ଗଳବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ରାଜକିଶୋର ଦାସ ଏହା କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ନରସମୀ ଗୁଡାରୀ ଥାନା ଅନ୍ତର୍ଗତ ଖଇରାଗୁଡା ଅଞ୍ଚଳରୁ ବ୍ରହ୍ମପୁରକୁ ଗଞ୍ଜେଇ ଚାଲାଣ କରୁଥିବାବେଳେ ପୋଲିସ ଗିରଫ କରିଥିଲା। ଏହି ଘଟଣାରେ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ଅଛନ୍ତି। ଗୁଡାରି ଆଇଆଇସି ସୁକାନ୍ତ କୁମାର ଟାଉଦିଆଙ୍କ ନେତୃତ୍ୱରେ ଏହି ଚଢାଉ କରାଯାଇଥିଲା ବୋଲି କହିଛନ୍ତି।

# ୧୫ ସୁଦ୍ଧା ହୋଇପାରେ ବିଦ୍ୟୁତ୍ ରେଳ ଚଳାଚଳ

## ଗୁଣପୁର-ନୌପଡ଼ା ରେଳପଥ

**ଗୁଣପୁର,୧୮।୨(ଡି.ଏନ.ଏ)**

ଗୁଣପୁର-ନୌପଡା ୯୦ କିମି ରେଳପଥରେ ଆସନ୍ତା ୧୫ ତାରିଖ ମଧ୍ୟରେ ବିଦ୍ୟୁତ୍ ରେଳ ଚଳାଚଳ କରିବ। ବର୍ତ୍ତମାନ ଏହି ରେଳପଥରେ ବିଦ୍ୟୁତୀକରଣ କାର୍ଯ୍ୟ ସରିଛି। ୭ଟି ସ୍ଥାନରେ ସପ୍ତାହକ ମଧ୍ୟରେ ଟ୍ରାନ୍ସଫରମର ସ୍ଥାପନ କରାଯିବ। ସମସ୍ତ କାର୍ଯ୍ୟ ସରିବା ପରେ ରେଳ ନିରାପତ୍ତା ବିଭାଗର ଅଧିକାରୀମାନେ ସ୍ଥିତି ଅନୁଧ୍ୟାନ କରିବାସହ ଯାଞ୍ଚ କରିବେ। ପରେ ଆସନ୍ତା ୧୫ ତାରିଖ ମଧ୍ୟରେ ବିଦ୍ୟୁତ ଇଞ୍ଜିନରେ ରେଳ ଚଳାଚଳ କରିବ ବୋଲି ଜଣାପଡିଛି। ପ୍ରଥମେ ଏହି ରେଳପଥରେ ଇଞ୍ଜିନ ଚାଳିତ ରେଳ ଜାନୁୟାରୀରୁ ଚାଲିବ ବୋଲି କୁହାଯାଇଥିଲେ ମଧ୍ୟ କାର୍ଯ୍ୟରେ ବିଳମ୍ବ ଯୋଗୁ ଏହା ହୋଇ ପାରି ନ ଥିଲା। ବର୍ତ୍ତମାନ କିଛି ଦିନ ହେବ ଯୁଦ୍ଧକାଳୀନ ଭିତ୍ତିରେ ଦିବାରାତ୍ର କାର୍ଯ୍ୟ କରାଯିବା ଯୋଗୁ ବିଦ୍ୟୁତୀକରଣ ଶେଷ ହୋଇଛି। ଗୁଣପୁରଠାରୁ ବିଭିନ୍ନ ସ୍ଥାନକୁ ୪ ଯୋଡା ଅର୍ଥାତ ଗୁଣପୁର-ପୁରୀ, ପୁରୀ-ଗୁଣପୁର, ରାଉରକେଲା-ଗୁଣପୁର, ଗୁଣପୁର-ରାଉରକେଲା, ପଲାସା-ଗୁଣପୁର, ଗୁଣପୁର- ପଲାସା ଏବଂ ବିଶାଖାପଟଣା-ଗୁଣପୁର, ଗୁଣପୁର-ବିଶାଖାପାଟଣା ଟ୍ରେନ ଚଳାଚଳ କରୁଛି। ବିଦ୍ୟୁତ ରେଳଚଳାଚଳ କରିବା ପରେ ଗୁଣପୁର-ପୁରୀ ଏବଂ ପୁରୀ-ଗୁଣପୁର ପାସେଞ୍ଜର ଟ୍ରେନର ସମୟ ପରିବର୍ତ୍ତନ ହେବାର ସମ୍ଭାବନା ରହିଛି। ଏହି ରେଳ ଡିଜେଲରେ ଚାଲୁଥିବାବେଳେ ପଲାସାଠାରେ ଇଂଜିନ ପରିବର୍ତ୍ତନ ହୋଇ ବିଦ୍ୟୁତ ଇଞ୍ଜିନ ଚାଲୁଥିଲା। ଯେଉଁଥିପାଇଁ ୧ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଅଟକି ରହୁଥିଲା। ବର୍ତ୍ତମାନ ଗୁଣପୁରରୁ ବିଭିନ୍ନ ସ୍ଥାନକୁ ବିଦ୍ୟୁତ ଇଞ୍ଜିନରେ ଟ୍ରେନ ଚଳାଚଳ କରିବା ପରେ ସମୟ ହ୍ରାସ ପାଇବା ଅପରପକ୍ଷେ ଗୁଣପୁର-ବିଶାଖାପାଟଣା ପାସେଞ୍ଜର ଟ୍ରେନ ଏକ୍ସପ୍ରେସ ହୋଇ ବିଜୟୱାଡା ପର୍ଯ୍ୟନ୍ତ ଚଳାଚଳ କରିବ ବୋଲି ମଧ୍ୟ ଶୁଣିବାକୁ ମିଳିଛି।


## ବାର୍ତ୍ତା



ରାଜ୍ୟ ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ୨୦୨୦ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା, ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ଏବଂ ମଧ୍ୟମା ପରୀକ୍ଷା ଚଳିତ ବର୍ଷ ଫେବୃଆରୀ ୧୯ରୁ ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି। ଏହି ପରୀକ୍ଷା ଛାତ୍ରଛାତ୍ରୀଙ୍କ କ୍ୟାରିଅର ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ। ତେଣୁ ପିଲାମାନେ ଯେପରି ସମ୍ପୂର୍ଣ୍ଣ ଚାପ ମୁକ୍ତ ହୋଇ ପରୀକ୍ଷା ଦେବେ ଏବଂ ପରୀକ୍ଷାରେ ଭଲ କରିବେ, ସେଥିପ୍ରତି ଆମେ ସମସ୍ତେ ଯତ୍ନବାନ ହେବା ଉଚିତ୍। ଏତଦ୍‌ବ୍ୟତୀତ ଶାନ୍ତିପୂର୍ଣ୍ଣ ତଥା ତ୍ରୁଟିଶୂନ୍ୟ ଭାବରେ ପରୀକ୍ଷା ପରିଚାଳନା ପାଇଁ ମୁଁ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ ଓ ସମସ୍ତଙ୍କ ସହଯୋଗ କାମନା କରୁଛି।

ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କୁ ମୋର ଶୁଭକାମନା ଜଣାଇବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି।

(ନବୀନ ପଟ୍ଟନାୟକ)

## ବାର୍ତ୍ତା



ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା ଆନୁକୂଲ୍ୟରେ ଚଳିତ ମାସ ୧୯ ତାରିଖରୁ ରାଜ୍ୟର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ବାର୍ଷିକ ହାଇସ୍କୁଲ/ ରାଜ୍ୟ ମୁକ୍ତ ବିଦ୍ୟାଳୟ/ ମଧ୍ୟମା ସଂସ୍କୃତ ସାର୍ଟିଫିକେଟ୍ ପରୀକ୍ଷା ଅନୁଷ୍ଠିତ ହେଉଅଛି। ଏହି ଅବସରରେ ମୁଁ ସମସ୍ତ ପରୀକ୍ଷାର୍ଥୀଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇବା ସଙ୍ଗେ ସଙ୍ଗେ ସେମାନଙ୍କର ସଫଳତା କାମନା କରୁଛି। ଛାତ୍ର ଜୀବନରେ ମାଟ୍ରିକ୍ ପରୀକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ପରୀକ୍ଷାର ସଫଳତା ଉଚ୍ଚଶିକ୍ଷାର ଭିତ୍ତିଭୂମୀ ନିର୍ମାଣ ଦିଗରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାଏ। ଅତ୍ୟଧିକ ଚାପର ବଶବର୍ତ୍ତୀ ନ ହୋଇ ଛାତ୍ରଛାତ୍ରୀମାନେ ଉତ୍ତମ ଅଧ୍ୟୟନ, କଠିନ ପରିଶ୍ରମ ଓ ଦୃଢ଼ ଆତ୍ମ ବିଶ୍ୱାସକୁ ନେଇ ପରୀକ୍ଷାର ସମ୍ମୁଖୀନ ହୁଅନ୍ତୁ। ସେମାନେ ଏ କ୍ଷେତ୍ରରେ ଶୃଙ୍ଖଳା ଓ ସ୍ୱଚ୍ଛତା ରକ୍ଷା କରିବା ସଙ୍ଗେ ସଙ୍ଗେ ଗଭୀର ବିଶ୍ୱାସ ଓ ଆତ୍ମପ୍ରତ୍ୟୟର ସହିତ ପରୀକ୍ଷାରେ ଅଂଶଗ୍ରହଣ କରିବେ ବୋଲି ମୋର ଆଶା ଓ ବିଶ୍ୱାସ। ପରୀକ୍ଷା ପ୍ରକ୍ରିୟାକୁ ସଫଳତାର ସହ ପରିଚାଳନା କରିବା ନିମନ୍ତେ ସମ୍ପୃକ୍ତ ପଦାଧିକାରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକ ଓ ପ୍ରଶାସନର ସହଯୋଗ କାମନା କରୁଛି।

(ସମୀର ରଞ୍ଜନ ଦାଶ)


### ହଳଦୀ ଚାଷ ବୁଲି ଦେଖିଲେ ଜିଲା କୃଷି ଅଧିକାରୀ



**ଟିକିରି,୧୮।୨(ଡି.ଏନ୍.ଏ.)**

ରାୟଗଡ଼ା ଜିଲା କୃଷି ଅଧିକାରୀ ନନ୍ଦ କିଶୋର ସିଂହ କାଶୀପୁର ବ୍ଲକ ଡଙ୍ଗାସିଲି ପଞ୍ଚାୟତ ଅଣଷାର ଓ ରେଙ୍ଗାଣାସିଲି ଗ୍ରାମରେ ଥିବା ହଳଦୀ କ୍ଷେତ୍ର ପରିଦର୍ଶନ କରିଛନ୍ତି। ଚଳିତବର୍ଷ ୨୦୨୦-୨୧ ଖରିଫ ଋତୁରେ କାଶୀପୁର ବ୍ଲକରେ ୪ଟି ପଞ୍ଚାୟତରେ ଜୈବିକ ପ୍ରଣାଳୀରେ ହଳଦୀ ଚାଷ କରାଯିବ। ସେଥିପାଇଁ ୧୦୦ ଏକର ହଳଦୀ ଚାଷ ପାଇଁ ୧୦୦ ହିତାଧିକାରୀ ଚୟନ କରାଯାଇଛି। ତେଣୁ ଜିଲା କୃଷି ଅଧିକାରୀ ମଙ୍ଗଳବାର ବ୍ଲକର ଡଙ୍ଗାସିଲି ପଞ୍ଚାୟତ ଅଣପାର ଓ ରେମାଣାସିଲି ଗ୍ରାମକୁ ଯାଇ ହଳଦୀ କ୍ଷେତ୍ର ପରିଦର୍ଶନ କରିଛନ୍ତି। ଏହି ସମୟରେ ସହକାରୀ କୃଷି ଅଧିକାରୀ ରାହୁଳ କୁମାର ନାୟକ, କାଶୀପୁର ସହକାରୀ କୃଷି ଅଧିକାରୀ ଅନସୂୟା ଶତପଥୀ, ମୁଗୁରା ମାଝି ପ୍ରମୁଖ ଯାଇ ଅନୁଧ୍ୟାନ କରିଥିଲେ।


## SOUTHCO UTILITY, ODISHA
## ସାଉଥ୍‌କୋ ୟୁଟିଲିଟି, ଓଡ଼ିଶା

୧. ବିଦ୍ୟୁତ୍ ଗ୍ରାହକମାନଙ୍କୁ ଅନୁରୋଧ କରାଯାଉଛି ସେମାନେ ତାଙ୍କର ବକେୟା ବିଦ୍ୟୁତ୍ ଦେୟ ତୁରନ୍ତ ପଇଠ କରନ୍ତୁ।

୨. ବକେୟା ଦେୟ ସାଉଥ୍‌କୋ ୟୁଟିଲିଟି **(SOUTHCO UTILITY)**ର ଯେକୌଣସି ଅଫିସ୍ କିମ୍ବା ବିଦ୍ୟୁତ୍ ଶୁଳ୍କ ଆଦାୟ ପାଇଁ ନିଯୁକ୍ତି ଫ୍ରାଞ୍ଚାଇଜ୍ କିମ୍ବା ଅନ୍‌ଲାଇନ୍ **(www.southcoodisha.com)** ଜରିଆରେ ପଇଠ କରିପାରିବେ।

**"ବକେୟା ବିଦ୍ୟୁତ୍ ଦେୟ ଦିଅନ୍ତୁ, ବିଜୁଳି କାଟ୍‌ରୁ ରକ୍ଷା ପାଆନ୍ତୁ"**



ସବୁ ସମସ୍ୟାର ମୂଳ କାରଣ ହେଉଛି ଆମେ ଧର୍ମ ଓ ଧାର୍ମିକ ବିଶ୍ୱାସଠାରୁ ଦୂରେଇ ଯାଉଛୁ।
-ପୁରୀ ଗଜପତି ଦିବ୍ୟସିଂହ ଦେବ

## ସଂକ୍ଷେପରେ

### ଇତିହାସ ବିଭାଗ ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା

ସେମିଲିଗୁଡ଼ା,୧୮।୨(ସ୍ୱ.ପ୍ର.): ସେମିଲିଗୁଡ଼ା ମହାବିଦ୍ୟାଳୟରେ ଇତିହାସ ସମ୍ମାନ ବିଭାଗର ତୃତୀୟ ବର୍ଷ ଛାତ୍ରୀଛାତ୍ରଙ୍କୁ ମଙ୍ଗଳବାର ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ମୁଖ୍ୟ ଅତିଥି ଅଧ୍ୟକ୍ଷା କାବେରୀ ବିଶ୍ୱାଳ ଫଳାଫଳ ଚିନ୍ତା ନ କରି ଚାପମୁକ୍ତ ହୋଇ ପରୀକ୍ଷା ଦେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ପ୍ରାଧ୍ୟାପକ ନୀଳାଞ୍ଚଳ ଆଚାର୍ଯ୍ୟ, ଇତିହାସ ବିଭାଗ ମୁଖ୍ୟ ଡ. ରମାରଞ୍ଜନ ପଟ୍ଟନାୟକ, ଇତିହାସ ବିଭାଗ ଅଧ୍ୟାପକ ସୁରେଶ ପାଇକରାୟ, ଅଧ୍ୟାପିକା ରୋଜାଲିନ ମିଶ୍ର ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପରୀକ୍ଷା ପାଇଁ ଶୁଭକାମନା ଜଣାଇଥିଲେ। ଦ୍ୱିତୀୟ ବର୍ଷ ଛାତ୍ର ହରେଶ ହନ୍ତାଳ କାର୍ଯ୍ୟକ୍ରମ ପରିଚାଳନା ଓ ଦ୍ୱିତୀୟ ବର୍ଷ ଛାତ୍ରୀ କୁମାରୀ ଲିପି ମହାପାତ୍ର ଧନ୍ୟବାଦ ଦେଇଥିଲେ। ପରେ ଇତିହାସ ବିଭାଗ ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

### ଅଗ୍ନିଶମ ବାହିନୀ ସହାୟତାରେ ଡ୍ରେନ୍‌ରୁ ଗାଈ ଉଦ୍ଧାର

ପାରଳାଖେମୁଣ୍ଡି, ୧୮।୨ (ସ୍ୱ.ପ୍ର.): ପାରଳାଖେମୁଣ୍ଡି ରାଣୀପେଣ୍ଠ ରାସ୍ତାର ସାଉଥକୋ ମୁଖ୍ୟ ପାୱାର ହାଉସ ନିକଟ ଏକ ଡ୍ରେନରେ ମଙ୍ଗଳବାର ଗୋଟିଏ ଗାଈ ପଡି ଯାଇଥିଲା। ଏହା ଦେଖି ସ୍ଥାନୀୟ ଲୋକେ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ନାଳଉପରେ ପଡିଥିବା ସ୍ଲାବକୁ ଭାଙ୍ଗି ରଶି ସାହାର୍ଯ୍ୟରେ ଗାଈଟିକୁ ଡ୍ରେନରୁ ବାହାର କରିଥିଲେ। ଗାଈଟି ସୁସ୍ଥ ଥିବା ଜଣାପଡିଛି। ଏହି ଡ୍ରେନଟି ନୂତନଭାବେ ତିଆରି କରାଯାଇଛି। ଡ୍ରେନ ଉପରେ ସିଣ୍ଟେ ସ୍ଲାବ ସବୁ ରହିଛି। କିନ୍ତୁ ଉକ୍ତ ସ୍ଲାବ ଗୁଡିକ ମଧ୍ୟରେ ଫାଙ୍କ ରହିଥିବାରୁ ଗାଈଟି ଡ୍ରେନରେ ପଡି ଯାଇଥିଲା। ଏହି ଫାଙ୍କ କ'ଣ ପାଇଁ ରଖାଯାଇଛି ବୋଲି ପ୍ରଶ୍ନ ଉଠାଇଛନ୍ତି ଅଞ୍ଚଳବାସୀ। ଏହି ଫାଙ୍କରେ ଅନେକ ସମୟରେ ବୁଲା କୁକୁର, ଗାଈ ସବୁ ପଡୁଛନ୍ତି। ଲୋକଙ୍କ ନଜର ନ ପଡିଲେ ସେମାନଙ୍କ ମୃତ୍ୟୁ ହୋଇଯାଉଛି। ଫଳରେ ପରିବେଶଟି ସମ୍ପୂର୍ଣ୍ଣ ଭାବେ ପ୍ରଦୂଷିତ ହେଉଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଭିନ୍ନ ରୋଗ ପାଇଁ ଯେଉଁ ସଚେତନତା କାର୍ଯ୍ୟକ୍ରମ କରାଯାଉଛି ତାହାର କୌଣସି ମୂଲ୍ୟ ରହୁ ନ ଥିବା ଲୋକେ କହିଛନ୍ତି। ଏହି କାର୍ଯ୍ୟ ଠିକାଦାରଙ୍କୁ ଲାଭ ପହଞ୍ଚାଉଥିଲେ ମଧ୍ୟ ଲୋକଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି।

### ଶୀତଳାଙ୍କ ଘଟପର୍ବ ପାଇଁ ମିଳିଲା ଆଜ୍ଞାମାଳ
#### ମାର୍ଚ୍ଚ ୨୮ରୁ ଏପ୍ରିଲ ୮ ପର୍ଯ୍ୟନ୍ତ ଯାତ୍ରା ଚାଲିବ



କୋଟପାଡ଼,୧୮।୨(ଡି.ଏନ୍.ଏ.): କୋରାପୁଟ ଜିଲା କୋଟପାଡ଼ ଅଞ୍ଚଳର ଆରାଧ ଦେବୀ ମା' ଶୀତଳା ଠାକୁରାଣୀଙ୍କ ତ୍ରୟ ବର୍ଷ ଘଟଯାତ୍ରା ଚଳିତ ବର୍ଷ ଅନୁଷ୍ଠିତ ହେବ। ଏଥିପାଇଁ ମଙ୍ଗଳବାର ଠାକୁରାଣୀଙ୍କ ମନ୍ଦିରରୁ ଆଜ୍ଞାମାଳ ମଗା ଯାଇଥିଲା। ସକାଳ ୧୧ଟାରୁ ଅପରାହ୍ନ ୧ଟା ୩୦ ପର୍ଯ୍ୟନ୍ତ ପଣ୍ଡିତମାନେ ମନ୍ଦିର ଚାରିପଟେ ପୂଜାପାଠ କରିଥିଲେ। ଏହି ସମୟରେ ପୂଜା କମିଟି ସଭାପତି ମଣିପ୍ରସାଦ ପଟ୍ଟନାୟକ, ସମ୍ପାଦକ ରାମେଶ୍ୱ ଜେନା, କୋଷାଧ୍ୟକ୍ଷ ବିନାୟକ ଆଚାର୍ଯ୍ୟ, ଉପସଭାପତି ସୁଧୀର ମହାନ୍ତି, ତାପି ବିଶୋୟୀ, ସୁଶାନ୍ତ ବକ୍ସି, ପୂଜକ ଟଙ୍କେଶ୍ୱର ନାୟକ, ହରେକୃଷ୍ଣ ନାୟକ, ବାବା ପ୍ରହରାଜଙ୍କ ସହ ଅନ୍ୟ ସଭ୍ୟ ଓ ଅଞ୍ଚଳର ବହୁ ମାଣ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ମାର୍ଚ୍ଚ ୨୮ରୁ ଏହି ଘଟ ପର୍ବ ଆରମ୍ଭ ହୋଇ ଏପ୍ରିଲ ୮ ପର୍ଯ୍ୟନ୍ତ ଚାଲିବ ବୋଲି ସୂଚନା ମିଳିଛି। ଏହି ଘଟପର୍ବ ୩ ବର୍ଷକୁ ଥରେ ଅନୁଷ୍ଠିତ ହୁଏ। ଏଥିରେ ଆନ୍ଧ୍ର, ଛତିଶଗଡ଼, ମଧ୍ୟପ୍ରଦେଶ ସମେତ ପଡୋଶୀ ଜିଲାରୁ ଶ୍ରଦ୍ଧାଳୁ ସାମିଲ ହେବ।

# ୨୧ କେନ୍ଦ୍ରକୁ ଜଗିବ ସିସିଟିଭି, ୫ ସ୍କ୍ୱାଡ୍

ଜୟପୁର,୧୮।୨(ନି.ପ୍ର./ଡି.ଏନ୍.ଏ.)

**ଆଜିଠୁ ମାଟ୍ରିକ ପରୀକ୍ଷା**
- ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା
- ସମସ୍ତ କେନ୍ଦ୍ରରେ ସିସିଟିଭି ଲାଗି ନ ଥିବାରୁ ଅସନ୍ତୋଷ

ଆଜିଠାରୁ ଆରମ୍ଭ ହେବ ମାଟ୍ରିକ ପରୀକ୍ଷା। କୋରାପୁଟ ଜିଲା ପ୍ରଶାସନ ଓ ଶିକ୍ଷା ବିଭାଗ ପକ୍ଷରୁ ପ୍ରସ୍ତୁତି ସରିଛି। ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ପ୍ରଘଟ ନ ହେବା ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ସହ କେନ୍ଦ୍ରରେ କପି ନ ହେବା ପାଇଁ ସତର୍କ ଦୃଷ୍ଟି ରଖାଯିବ। ଜିଲାରେ ସମୁଦାୟ ୬୨ଟି ପରୀକ୍ଷାକେନ୍ଦ୍ର ମଧ୍ୟରୁ ସମ୍ବେଦନଶୀଳ ଥିବା ୨୧ କେନ୍ଦ୍ରକୁ ଚିହ୍ନଟ କରାଯାଇ ସିସିଟିଭି କ୍ୟାମେରା ସଂଯୋଗ କରାଯାଇଛି। ପରୀକ୍ଷାର ତଦାରଖ ଓ କପି ଧରିବା ପାଇଁ ଜିଲା ଶିକ୍ଷା ବିଭାଗ ପକ୍ଷରୁ ୩ଟି, ପ୍ରଶାସନ ଓ ଶିକ୍ଷା ପରିଷଦ ପକ୍ଷରୁ ଗୋଟିଏ ଲେଖାଏଁ ସ୍କ୍ୱାଡ୍ ଗଠନ କରାଯାଇଛି। ଜିଲାର ୫ଟି ଥାନା ସମେତ ୧୦ ନୋଡାଲକେନ୍ଦ୍ରରୁ ପ୍ରଶ୍ନ ଓ ଉତ୍ତରଖାତା ପୂର୍ବାହ୍ନ ୮ଟା ସୁଦ୍ଧା ପୋଲିସ ସୁରକ୍ଷା ଭିତରେ କେନ୍ଦ୍ରକୁ ଯିବ। ଉଲ୍ଲେଖଯୋଗ୍ୟ, କୋରାପୁଟ ଜିଲାରେ ୨୭୩ ବିଦ୍ୟାଳୟର ୧୩,୦୯୭ ଜଣ ରେଗୁଲାର, ୧୬୩୮ ଜଣ ଏକ୍ସ-ରେଗୁଲାରଙ୍କୁ ମିଶାଇ ମୋଟ ୧୪ ହଜାର ୭୩୫ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ମାଲକାନଗିରି ଜିଲାର ୨୯ଟି କେନ୍ଦ୍ରରେ ୧୧୭ଟି ବିଦ୍ୟାଳୟର ୫୩୨୭ ଜଣ ରେଗୁଲାର, ୩୪୭ ଜଣ ଏକ୍ସ ରେଗୁଲାରଙ୍କୁ ମିଶାଇ ୫,୬୭୪ ଜଣ ପରୀକ୍ଷା ଦେବେବ। ନବରଙ୍ଗପୁର ଜିଲାରେ ୬୯ଟି କେନ୍ଦ୍ରରେ ୨୨୪ଟି ବିଦ୍ୟାଳୟର ୧୩,୧୭୬ ଜଣ ରେଗୁଲାର ଓ ୨ ଶହ ଏକ୍ସ ରେଗୁଲାରକୁ ମିଶାଇ ୧୩ ହଜାର ୩୭୬ ଜଣ ପରୀକ୍ଷା ଦେବେ। ସେହିପରି ରାୟଗଡ଼ା ଜିଲାର ୪୮ଟି କେନ୍ଦ୍ରରେ ୨୦୨ ବିଦ୍ୟାଳୟର ୧୦,୪୯୨ ରେଗୁଲାର ଓ ୭୧୪ ଜଣ ଏକ୍ସ ରେଗୁଲାର ପରୀକ୍ଷାର୍ଥୀ ରହିଛନ୍ତି। ଜୟପୁର ମାଧ୍ୟମିକ ଶିକ୍ଷା ପରିଷଦ ଆଞ୍ଚଳିକ କାର୍ଯ୍ୟାଳୟ ଅଧୀନରେ କୋରାପୁଟ, ରାୟଗଡ଼ା, ମାଲକାନଗିରି ଓ ନବରଙ୍ଗପୁର ଜିଲା ଥିବାବେଳେ ୨୦୮ଟି କେନ୍ଦ୍ରରେ ୮୧୬ଟି ବିଦ୍ୟାଳୟର ୪୪ ହଜାର ୯୫୧ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ମାର୍ଚ୍ଚ ୨ରେ ମାଟ୍ରିକ ପରୀକ୍ଷା ଶେଷ ହେବ। ୧୮ରୁ ଖାତାଦେଖା ଆରମ୍ଭ ହୋଇ ଏପ୍ରିଲ ୧୦ରେ ଶେଷ ହେବ।

# ବିଏସ୍‌ଏଫ୍ ଯବାନଙ୍କ ହୃଦ୍‌ଘାତରେ ମୃତ୍ୟୁ

ଜୟପୁର,୧୮।୨(ନି.ପ୍ର.)



ଗୁଜୁରାଟରେ ଡ୍ୟୁଟି କରୁଥିବା ବେଳେ ବିଏସ୍‌ଏଫ୍‌ର ଜଣେ ଓଡ଼ିଆ ଯବାନ କୃଷ୍ଣଚନ୍ଦ୍ର ସାହୁଙ୍କ ହୃଦ୍‌ଘାତରେ ମୃତ୍ୟୁ ହୋଇଛି। ତାଙ୍କ ଘର ଜୟପୁର ବିକ୍ରମନଗର। ମଙ୍ଗଳବାର ରାତିରେ ସେ ଡ୍ୟୁଟି ସାରି କ୍ୟାମ୍ପକୁ ଆସି ପରିବାର ଲୋକଙ୍କ ସହ ଫୋନରେ କଥା ହେବା ପରେ ଶୋଇଥିଲେ। ଭୋର୍ ୪ଟାରେ ଡ୍ୟୁଟି ଥିବାରୁ ସମସ୍ତ ଯବାନ ଉଠିଥିଲେ। ମଧ୍ୟ କୃଷ୍ଣଙ୍କ ନିଦ ଭାଙ୍ଗି ନ ଥିଲା। ପରେ କେତେକ ଯବାନ ତାଙ୍କୁ ଉଠାଇବା ପାଇଁ ଯିବାବେଳେ ସେ ଆଉ ଉଠି ନ ଥିଲେ। ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଥିଲା। ବିଏସ୍‌ଏଫ୍ ପକ୍ଷରୁ ତାଙ୍କ ସାନଭାଇକୁ ଫୋନ ଆସିଥିଲା। ବିଏସ୍‌ଏଫ୍ ପକ୍ଷରୁ ତାଙ୍କ ମର ଶରୀର ଜୟପୁର ଅଣାଯିବା ପାଇଁ ବ୍ୟବସ୍ଥା କରାଯାଉଛି। ବୁଧବାର ମର ଶରୀର ପହଞ୍ଚିବ ବୋଲି ତାଙ୍କ ପରିବାର ସୂଚନା ଦେଇଛନ୍ତି।

# ନିର୍ମାଣାଧୀନ ପୋଲର ପିଲର ଧସିଲା

ନନ୍ଦପୁର,୧୮।୨(ଡି.ଏନ୍.ଏ.)



ନିର୍ମାଣାଧୀନ ପିଲର ।

କୋରାପୁଟ ଜିଲା ନନ୍ଦପୁର ବ୍ଲକ ହିକିଂପୁଟ ପଞ୍ଚାୟତ ଅନ୍ତର୍ଗତ ମାରନାଳ ଉପରେ ନିର୍ମାଣାଧୀନ ପୋଲର ଏକ ପିଲର ଧସିଯିବାରୁ ୩ ଜଣ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ତେଲେଙ୍ଗାନାର ରାଜେନ୍ଦ୍ର ଓ ଦୟା, ଉତ୍ତରପ୍ରଦେଶ ସୀତାପୁରର ସିରାଜୁଦ୍ଦିନ। ସେମନଙ୍କୁ ପ୍ରଥମେ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର ହୋଇଛନ୍ତି। ଅସୁରକ୍ଷିତ ଭାବେ କାମ କରୁଥିବା ବେଳେ ଏମାନେ ଅଳ୍ପକେ ବର୍ତ୍ତିଯାଇଥିବା ପ୍ରକାଶ କରିଛନ୍ତି। ରୋଜଗାର ପାଇଁ ଅନ୍ୟ ରାଜ୍ୟରୁ ଆସି ମାସ ମାସ ଧରି ଶ୍ରମିକ ଭାବେ ଏମାନେ କାମ କରି ଆସୁଛନ୍ତି। କିନ୍ତୁ ଏପରି ଭାବେ ଜୀବନ ପ୍ରତି ବିପଦ ଆସୁଥିବାରୁ ଏମାନଙ୍କ ସୁରକ୍ଷା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏମାନଙ୍କ ଜୀବନ ବୀମା କରାଯାଇଛି କି ନାହିଁ, ସେନେଇ ମଧ୍ୟ ସନ୍ଦେହ ରହିଛି।

### ବାଇକ୍ ଧକ୍କାରେ ଜଣେ ମୃତ

ଦୁର୍ଗୀ,୧୮।୨

୪୬ ନଂ ରାଜ୍ୟ ରାଜପଥର ଦୁର୍ଗୀ ପୂର୍ତ୍ତ ବଙ୍ଗଳାଠାରେ ଦୁଇଟି ବାଇକ୍ ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ହୋଇଛି । ସେ ହେଲେ ପଦ୍ମପୁର ବ୍ଲକ ନାଇରା ଗ୍ରାମର ସମୀର ମହାନ୍ତି । ତାଙ୍କ ଭାଇ ଶଙ୍କର ମହାନ୍ତି ଗୁରୁତର ହୋଇଛନ୍ତି। ଖବରପାଇ ବିଷମକଟକ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ବାଇକକୁ ଜବତ କରି ତଦନ୍ତ ଚଳାଇଛି। ଦୁଇ ଭାଇ ସମୀର ଓ ଶଙ୍କର ଆମ୍ବଡ଼ୋଳାରୁ ଭୋଜି ଖାଇ ବାଇକରେ ଫେରୁଥିଲେ । ଦୁର୍ଗୀ ପୂର୍ତ୍ତ ବଙ୍ଗଳାଠାରେ ବିପରୀତ ଦିଗରୁ ଆସୁଥିବା ବାଇକ୍ ସହ ଧକ୍କା ହୋଇଥିଲା ।

### ବାଇକ୍ ଦୁର୍ଘଟଣା

ନନ୍ଦପୁର,୧୮।୨(ଡି.ଏନ୍.ଏ.)

କୋରାପୁଟ ଜିଲା ନନ୍ଦପୁର ଥାନା ଅଧୀନ କମାରଗୁଡ଼ା ନିକଟ ବୁଲାଣିରେ ଏକ ବାଇକ ଦୁର୍ଘଟଣାରେ ଦଶରଥ ଖରା ଆହତ ହୋଇଛନ୍ତି। ତାଙ୍କ ଘର ପାଡୁଆ ଥାନା ଅଧୀନ ଡୁମ୍ବାକୋଟା ଗ୍ରାମରେ ବୋଲି ଜଣାପଡ଼ିଛି। ସେ ନିଜ ବାଇକ୍ (ଓଡି୧୦ ଏନ୍ ୪୧୯୦) ଯୋଗେ ନନ୍ଦପୁରରୁ ନିଜ ଗାଁକୁ ଫେରୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ସ୍ଥାନୀୟ ଲୋକେ ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ।

### କଳିଙ୍ଗା ଘାଟିରେ ଟ୍ରକ୍ ଦୁର୍ଘଟଣା, ଡ୍ରାଇଭର ଆହତ

ଜି.ଉଦୟଗିରି,୧୮।୨(ଡି.ଏନ.ଏ.)

ଜି.ଉଦୟଗିରି ନିକଟସ୍ଥ କଳିଙ୍ଗା ଘାଟିରେ ଏକ ମାଲବାହୀ ଟ୍ରକ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ଡ୍ରାଇଭର ଆହତ ହୋଇଛନ୍ତି। ମିଳିଥିବା ସୂଚନା ପ୍ରକାରେ, ମଙ୍ଗଳବାର ଅପରାହ୍ନ ୫ଟା ବେଳେ କଳିଙ୍ଗାରୁ ଭଞ୍ଜନଗର ଅଭିମୁଖେ ଯାଉଥିବା ମକାମଞ୍ଜି ବୋଝେଇ ଟ୍ରକ (ନଂ ଓଆର୦୨ଜେ୨୯୮୬) କଳିଙ୍ଗା ଘାଟିରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଫଳରେ ଡ୍ରାଇଭର ଆହତ ହୋଇଛନ୍ତି। ଡ୍ରାଇଭର ଭିକି କରମଲ ଗାଡ଼ିରୁ ଡେଇଁ ପଡ଼ିବା ଫଳରେ ଅଧିକ ଆହତ ହୋଇଥିଲେ। ଘଟଣାସ୍ଥଳରେ ଜି.ଉଦୟଗିରି ଅଗ୍ନିସେବା ଗାଡ଼ି ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ।

# ମୁନିଗୁଡାରୁ ଗଡ଼ିଲା ସବୁଜ ରଥ



ଅତିଥି ସବୁଜ ରଥକୁ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି ।

ମୁନିଗୁଡା, ୧୮ ।୨ (ଡି.ଏନ୍.ଏ.)

ରାୟଗଡାର ମୁନିଗୁଡା ବନାଞ୍ଚଳ କାର୍ଯ୍ୟାଳୟ ପରିସରରୁ ଏକ ସଚେତନତା ସବୁଜ ରଥର ଶୁଭାରମ୍ଭ କରାଯାଇଛି । ଏହାକୁ କୋରାପୁଟ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ସୁଦୀପ୍ତ ଦାସ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ରଥ ବିଭିନ୍ନ ଅଞ୍ଚଳ ପରିକ୍ରମା କରି ଗ୍ରାମାଞ୍ଚଳର ଲୋକମାନଙ୍କୁ ଭୂତଳ ଜଳ, ବର୍ଷା ଜଳ, ମୃତ୍ତିକା ସଂରକ୍ଷଣ, ଜଙ୍ଗଲ ଓ ବନ୍ୟପ୍ରାଣୀ ସୁରକ୍ଷା, ବୃକ୍ଷରୋପଣ, ଜଙ୍ଗଲ ନିଆଁ ନିୟନ୍ତ୍ରଣ ସମ୍ପର୍କରେ ସଚେତନ କରିବ । ଏହି କାର୍ଯ୍ୟକ୍ରମରେ ଅବୈତନିକ ଜିଲା ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଗୌରାଙ୍ଗଚରଣ ରାଉତ, କେନ୍ଦ୍ରୀୟ ପୋଲିସ ସୁରକ୍ଷା ବାହିନୀ ଡେପୁଟି କମାଣ୍ଡାଣ୍ଟ ରାମା ବତାରଜୀ, ସହକାରୀ ବନ ସଂରକ୍ଷକ ନିତ୍ୟାନନ୍ଦ ନାୟକ, ବିଷମକଟକ ପୋଲିସ ଉପ ଆରକ୍ଷୀ ଅଧୀକ୍ଷକ ଚନ୍ଦ୍ରଶେଖର ହୋତା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡା. ଦିଲୀପ କୁମାର ବେହେରା, ବନାଞ୍ଚଳ ଅଧିକାରୀ ପ୍ରସନ୍ନ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଜଙ୍ଗଲ ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ବନ କର୍ମଚାରୀମାନଙ୍କୁ ସହଯୋଗ ପ୍ରଦାନ ସହ ଗ୍ରାମବାସୀମାନେ ଏହି ଅଭିଯାନରେ ସହଭାଗୀ ହେବାକୁ ବନାଞ୍ଚଳ ଅଧିକାରୀ ମିଶ୍ର ନିବେଦନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବନପାଳ ହରିଶ୍ଚନ୍ଦ୍ର ମାର୍ଥା, ଚନ୍ଦ୍ରଶେଖର ସାହୁ, ବନରକ୍ଷୀ ଶକୁନ୍ତଳା ବେହେରା, ପୁଷ୍ପଲତା ନାୟକଙ୍କ ସମେତ ବିଭାଗୀୟ କର୍ମଚାରୀମାନେ ସହାୟତା କରିଥିଲେ।

## ମାଲକାନଗିରି ଖବର

# ନିଆଁରେ ପୋଡ଼ି ଭଉଣୀ ଭାଇ ଗୁରୁତର

ମାଲକାନଗିରି, ୧୮।୨(ଡି.ଏନ.ଏ.)

ମାଲକାନଗିରି ଜିଲାରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି । ନିଆଁରେ ପୋଡି ଭଉଣୀଭାଇ ୨ଜଣ ଗୁରୁତର ଆହତ ହୋଇଛନ୍ତି। ଉଭୟଙ୍କୁ ପ୍ରଥମେ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ପରେ ସେମାନଙ୍କୁ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତରିତ କରାଯାଇଛି । ଘଟଣାରୁ ପ୍ରକାଶ, ମାଲକାନଗିରି ସଦର ଥାନା ଗୌଡଗୁଡା ପଞ୍ଚାୟତ ସଦର ମହକୁମା ଗୌଡଗୁଡା ଗ୍ରାମର ରଜନୀ ଦଣ୍ଡପତି ଘର ନିକଟରେ ଇଟା ଭାଟିରେ କାମ କରୁଥିଲେ । ଇଟାଭାଟିକୁ ଲାଗି ଏକ କୁଡିଆ ଘରେ ୪ ବର୍ଷର ଶିଶୁପୁତ୍ର ବିଧାନ୍‌ସୁ ଦଣ୍ଡପତି ଏବଂ ୨ ବର୍ଷର ଶିଶୁକନ୍ୟା ବୈଦ୍ୟନ୍ତି ଦଣ୍ଡପତି କମ୍ବଳ ଘୋଡି ହୋଇ ଶୋଇଥିଲେ। ମାଆବାପା କିଛି ଦୂରରେ ଇଟା ପକାଇବା କାର୍ଯ୍ୟରେ ବ୍ୟସ୍ତ ଥିଲେ। ଘରଟି ଅନ୍ଧାର ହୋଇଥିବାରୁ ଘର ଭିତରେ ଏକ ଡିବିରିବତି ଜଳୁଥିଲା। କୌଣସି କାରଣରୁ ଡିବିରିରୁ ନିଆଁ କମ୍ବଳରେ ଲାଗି ଯାଇ ଜଳିଥିଲା । ଫଳରେ କମ୍ବଳ ଘୋଡାଇ ହୋଇ ଶୋଇଥିବା ଭଉଣୀଭାଇ ଦୁହେଁ ପୋଡିଯାଇ ଗୁରୁତର ଆହତ ହୋଇଥିଲେ। ଘରୁ ପ୍ରବଳ ଧୂଆଁ ବାହାରୁଥିବା ଦେଖି ମାଆବାପା ଦୌଡି ଆସି ପିଲାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। ସେତେବେଳକୁ ଉଭୟଙ୍କ ଶରୀରର ଶତପ୍ରତିଶତ ନିଆଁରେ ପୋଡି ଯାଇଥିଲା । ଗ୍ରାମବାସୀ ୧୦୮ ଆମ୍ବୁଲାନ୍ସକୁ ଖବର ଦେବାରୁ ସେଥିରେ ଉଭୟଙ୍କୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟ ଅଣାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ କୋରାପୁଟ ସ୍ଥାନାନ୍ତର କରାଯାଇଥିଲା । ତେବେ କୋରାପୁଟରେ ଉଭୟ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡିଛି।

# ଅମଳ ହେବାକୁ ଥିବା ୫ କୁଇଣ୍ଟାଲ ମାଣ୍ଡିଆ ଜଳିଗଲା

ଚିତ୍ରକୋଣ୍ଡା ୧୮।୨(ଡି.ଏନ.ଏ.)

ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଭୁକ୍ତ ପାପରମେଟେଲା ପଞ୍ଚାୟତ ଜାମଯୋଡି ଗ୍ରାମର ଘାସି ହନ୍ତାଳଙ୍କ ୨ ଏକର ମାଣ୍ଡିଆ ଗଦାରେ ଅଗ୍ନିକାଣ୍ଡ ଘଟି ନଷ୍ଟ ହୋଇଯାଇଛି। ମାଣ୍ଡିଆ ଅମଳ ପାଇଁ ମାଣ୍ଡିଆ କାଟି ଆଣି ସେ ନିଜ ବାଡ଼ି ଖଳାରେ ଗଦା କରି ରଖିଥିଲେ। ମାଣ୍ଡିଆ ଅମଳ ପରେ ଘରେ କିଛି ରଖି ଅବଶିଷ୍ଟ ମାଣ୍ଡିଆ ମଣ୍ଡିରେ ବିକ୍ରି କରିବେ ବୋଲି ଚିନ୍ତା କରିଥିଲେ। ସୋମବାର ରାତିରେ କେହି ତାଙ୍କ ମାଣ୍ଡିଆ ଗଦାରେ ନିଆଁ ଲଗାଇ ଦେଇଥିବା ଘାସି ଅଭିଯୋଗ କରିଛନ୍ତି। ସେ ଖବର ପାଇ ଖଳାକୁ ଯିବା ବେଳକୁ ସବୁ ମାଣ୍ଡିଆ ଗଦା ପୋଡି ନଷ୍ଟ ହୋଇଯାଇଥିଲା। ଏଥିରୁ ପ୍ରାୟ ୫ କୁଇଣ୍ଟାଲ ମାଣ୍ଡିଆ ଅମଳ ହୋଇଥାନ୍ତା। ଏହି ଖବର ପାଇ ଶିଶୁ ଓ ମହିଳା କଲ୍ୟାଣ ସମିତିର ମିଲେଟ ମିଶନ ପ୍ରକଳ୍ପର ଗୋପୀନାଥ ପାଙ୍ଗି ଓ ପ୍ରକଳ୍ପ ସଂଯୋଜକ ତପନ କୁମାର ରଥ ପହଞ୍ଚି ଘାସିଙ୍କୁ ବୁଝାଶୁଝା କରିଥିଲେ। ନଷ୍ଟ ହୋଇଥିବା ମାଣ୍ଡିଆ ସମ୍ପର୍କରେ ତଥ୍ୟ ଆଣିଥିଲେ। ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଅବହେଳିତ ଅବସ୍ଥାରେ ଶୈବପୀଠ

କୋରୁକୋଣ୍ଡା ୧୮।୨(ଡି.ଏନ.ଏ.)

ପାଖେଇ ଆସିଲାଣି ଶିବରାତ୍ରି। ଚଳଚଞ୍ଚଳ ହୋଇ ଉଠିଲାଣି ସମସ୍ତ ଶୈବ ପୀଠ। ବିଭିନ୍ନ ରଙ୍ଗବେରଙ୍ଗର ଲିଚୁ ମାଳ ସହ ମନ୍ଦିରରେ ରଙ୍ଗ କାମ ଚାଲିଲାଣି। ତେବେ ମାଲକାନଗିରି ଜିଲାର କୋରୁକୋଣ୍ଡା ବ୍ଲକ ପୋଟରେଲ ପଞ୍ଚାୟତର ପୁରୁଣା ଓରକେଲ ଗ୍ରାମରେ ଏପରି ଏକ ଶୈବପୀଠ ଅଛି, ଯାହା ଭଙ୍ଗାରୁଜା ଅବସ୍ଥାରେ ପହଞ୍ଚିଥିଲେ ସୁଦ୍ଧା ଏହାର ମରାମତି ହେଉନାହିଁ। ମନ୍ଦିରର ପରିଚାଳନା କମିଟି କିମ୍ବା ଟ୍ରଷ୍ଟ ନ ଥିବାରୁ ଏହା ଅବହେଳିତ ଅବସ୍ଥାରେ ରହିଛି। ଏହାର ଛାତ ଫାଟି ଗଲାଣି। ଏହି ମନ୍ଦିର ଦୀର୍ଘ ୬୦ ବର୍ଷ ତଳେ ନିର୍ମିତ ହୋଇଥିଲା। ସେତେବେଳେ ବାଲିମେଳା ଇରିଗେସନରେ କାମ କରୁଥିବା ଜଣେ ଅଧିକାରୀ ସ୍ୱର୍ଗତ ଯୋଗେନ୍ଦ୍ର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏହି ମନ୍ଦିର ନିର୍ମାଣ ହୋଇଥିଲା। ମନ୍ଦିରରେ ଭଗବାନ ଶିବ ପୂଜା ପାଉଥିବା ବେଳେ ଏଠାରେ ରାମ-ସୀତାଙ୍କ ମନ୍ଦିର ମଧ୍ୟ ରହିଛି। ରାମଙ୍କ ପାଦପଦ୍ମ ମଧ୍ୟ ଏଠାରେ ରହିଛି। ପୂଜକ ସୂର୍ଯ୍ୟ ନାରାୟଣ ପଣ୍ଡା ଆଜିକୁ ଦୀର୍ଘ ୪୦ ବର୍ଷ ହେବ ପୂଜା କରି ଆସୁଛନ୍ତି। ପୂଜକଙ୍କ କହିବାନୁଯାୟୀ ମନ୍ଦିରଟି ଏତେବର୍ଷ ହେଲା ହୋଇଥିଲେ ମଧ୍ୟ କେବଳ ଶିବରାତ୍ରିରେ ହିଁ ଏଠାରେ ଭିଡ ଦେଖିବାକୁ ମିଳିଥାଏ। ଏନେଇ ଯଦି ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦିଅନ୍ତେ ତେବେ ମନ୍ଦିରର ଉନ୍ନତି ହୋଇପାରନ୍ତା ବୋଲି ମତ ପ୍ରକାଶ ପାଉଛି। ମନ୍ଦିରଟି ଏକ ପାହାଡ ତଳେ ରହିଛି। ଗୋଟିଏ କୂଅ ବ୍ୟତୀତ ଏଠାରେ ନଳକୂପଟିଏ ନାହିଁ। ପାନୀୟ ଜଳ ପାଇଁ ବେଳେବେଳେ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥାଏ। ପ୍ରଶାସନ ପକ୍ଷରୁ ଅବା ସ୍ଥାନୀୟ ଏମ୍‌ପି ରମେଶ ମାଝି କିମ୍ବା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ଏହି ମନ୍ଦିରର ଉନ୍ନତି ଲାଗି ଆର୍ଥିକ ସହାୟତା ଯୋଗାଇ ଦିଅନ୍ତେ ତେବେ ମନ୍ଦିରର ବହୁ ଉନ୍ନତି ହୋଇପାରନ୍ତା ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

# ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଯାପିତ

କୁଡୁମୁଲୁଗୁମ୍ମା,୧୮।୨(ଡି.ଏନ.ଏ.)

କୁଡୁମୁଲୁଗୁମ୍ମାସ୍ଥିତ ଡାରଉଇନ ମେମୋରିଆଲ ଡିଗ୍ରୀ କଲେଜରେ ୧୨ ଦିନ ଧରି ଚାଲିଥିବା ଆତ୍ମସୁରକ୍ଷା କୌଶଳ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ମଧୁମିତା ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପରିଚାଳନା କମିଟି ସଦସ୍ୟ ଭଗବାନ ସାହୁ, ସାଧୁ ହନ୍ତାଳ ଓ ଦିବାକର ସୁନା ଅତିଥି ରୂପେ ଯୋଗଦେଇଥିଲେ। ଏହି ଆତ୍ମସୁରକ୍ଷା କୌଶଳ ଛାତ୍ରୀମାନଙ୍କୁ ଆବଶ୍ୟକ ସମୟରେ ନିଶ୍ଚିତ ସହାୟକ ହେବ। ସେମାନେ ଶିକ୍ଷା କରିଥିବା କୌଶଳର ଉପଯୋଗ କରି ପରିସ୍ଥିତିର ସଫଳ ମୁକାବିଲା କରିପାରିବେ। ସେମାନେ ଚାହିଁଲେ ଏହି କୌଶଳ ଶିକ୍ଷା ଅନ୍ୟମାନଙ୍କୁ ଦେଇପାରିବେ ବୋଲି ଅତିଥିମାନେ ପ୍ରକାଶ କରିଥିଲେ।

# 'ମଜୁରିଆ ଜୀବନ କଷ୍ଟକର, ପୁରସ୍କାର ଫେରାଇ ନିଅ'

**ସନ୍ତୋଷ ପ୍ରହରାଜ**
କୁନ୍ଦୁରା,୧୭।୨

**ରାଷ୍ଟ୍ରପତିଙ୍କ ପାଖରୁ ପୁରସ୍କୃତ ସୁନ୍ଦରଙ୍କ ଦୁଃଖ**
- ଡଙ୍ଗାବୁଡ଼ିରୁ ୫ ଜଣଙ୍କୁ ଉଦ୍ଧାର କରିଥିଲେ
- ସାହସିକତା ପାଇଁ ମିଳିଥିଲା ରାଷ୍ଟ୍ରପତି ପୁରସ୍କାର
- ଏବେ ଗୁଜୁରାଣ ଚଳାଇବା ତାଙ୍କ ପକ୍ଷେ କଷ୍ଟକର



୧୯୮୩ ମସିହାର ବର୍ଷାଦିନରେ କୋଲାବ ନଦୀରେ ଡଙ୍ଗା ବୁଡ଼ି ଯାଉଥିବା ବେଳେ ମଝିନଈରୁ ଉଦ୍ଧାର କରି ୫ ଜଣଙ୍କ ଜୀବନ ବଞ୍ଚାଇଥିଲେ ସୁନ୍ଦର ଘିଉରିଆ। ପରବର୍ଷ ତାଙ୍କୁ ଏହି ସାହସିକତା ପାଇଁ ରାଷ୍ଟ୍ରପତି ପୁରସ୍କାର କରିଥିଲେ। ସେହି ସୁନ୍ଦର ଏବେ ୭୨ ବର୍ଷର ବୃଦ୍ଧ ଏବଂ ଦିନ ମଜୁରିଆ ଭାବେ ଖଟୁଛନ୍ତି। ସରକାରୀ ସୁବିଧାରୁ ବଞ୍ଚିତ ସୁନ୍ଦର ଅଭାବ ଭିତରେ ଶଢ଼ି ଶଢ଼ି ଏବେ ଅଭିମାନରେ କହୁଛନ୍ତି, ଏତେବଡ଼ ପୁରସ୍କାର ପାଇ ମଧ୍ୟ ମଜୁରିଆ ଜୀବନ କଟାଇବା ତାଙ୍କ ପାଇଁ କଷ୍ଟକର ହୋଇପଡୁଛି। ତେଣୁ ତାଙ୍କୁ ମିଳିଥିବା ପୁରସ୍କାର ଫେରାଇନେବା ପାଇଁ ସେ ନିବେଦନ କରିଛନ୍ତି।

କୋରାପୁଟ ଜିଲା କୁନ୍ଦୁରା ବ୍ଲକର ସୀମାନ୍ତ ମସିଗାଁ ପଞ୍ଚାୟତର ଝଡ଼ଗାଁ ଗ୍ରାମର ସୁନ୍ଦର ଘିଉରିଆ। ପରିବାରରେ ତାଙ୍କର ୩ଟି ପୁଅ ଥିବାବେଳେ ଯିଏ ଯାହାର ସଂସାରକୁ ନେଇ ଚଳୁଛନ୍ତି। କିନ୍ତୁ ପରିଣତ ବୟସରେ ପହଞ୍ଚିଥିବା ସୁନ୍ଦର ଓ ତାଙ୍କ ସ୍ତ୍ରୀଙ୍କୁ କେହି ପଚାରୁ ନାହାନ୍ତି। ୧୯୮୩ର କଥା। ଏହି ଅଞ୍ଚଳରୁ ୧୮ ଜଣ ମହିଳା ପ୍ରତିଦିନ କୋଲାବ ନଦୀ ପାର ହୋଇ ସେବା ପେପର ମିଲ୍ (ବର୍ତ୍ତମାନର ବିଲ୍ଟ)କୁ ଶ୍ରମିକ ଭାବେ କାମ କରିବାକୁ ଯାଆନ୍ତି। ସେହିଦିନ ମଝି ନଦୀରେ ଡଙ୍ଗା ବୁଡ଼ିଯିବାରୁ ୧୩ ଜଣ ମହିଳାଙ୍କ ମୃତ୍ୟୁ ଘଟିଥିଲା। କିନ୍ତୁ ସେତେବେଳେ ଯୁବକ ଥିବା ସୁନ୍ଦର ମଝିନଈରୁ ୫ ଜଣଙ୍କୁ ଉଦ୍ଧାର କରି ସେମାନଙ୍କୁ ନୂଆ ଜୀବନ ଦେଇଥିଲେ। ସୁନ୍ଦରଙ୍କ ଏହି ସାହସିକତା ପାଇଁ ଓଡ଼ିଶା ସରକାର ରାଷ୍ଟ୍ରପତି ପୁରସ୍କାର ଲାଗି ତାଙ୍କ ନାମ କେନ୍ଦ୍ରକୁ ସୁପାରିସ କରିଥିଲେ। ୧୯୮୪ରେ ରାଷ୍ଟ୍ରପତିଙ୍କଠାରୁ ରୌପ୍ୟ ପଦକ ଓ ମାନପତ୍ର ଗ୍ରହଣ କରିଥିଲେ ସୁନ୍ଦର। ତତ୍କାଳୀନ ରାଜ୍ୟ ସରକାର ତାଙ୍କୁ ୩ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ମଧ୍ୟ ଦେଇଥିଲେ। ଅନ୍ୟ ପାଇଁ ନିଜ ଜୀବନକୁ ବାଜି ଲଗାଇଥିବା ସେହି ସୁନ୍ଦର ଏବେ ଅଲୋଡ଼ା ହୋଇ ପଡ଼ିଛନ୍ତି। ବାର୍ଦ୍ଧକ୍ୟ ପହଞ୍ଚି ସାରିଛି। ଏ ବୟସରେ ତାଙ୍କୁ ହତାଦର ହେବାକୁ ପଡୁଛି। ସରକାର ଦେଉଥିବା ମାସିକ ୫ଶହ ଟଙ୍କା ଭତ୍ତା ଓ ୧୦ କେଜି ଚାଉଳ ଚାଉଳରେ ସେ ଓ ତାଙ୍କ ସ୍ତ୍ରୀ ଚଳିବା କଷ୍ଟକର ହୋଇପଡୁଛି। ଗୁଜୁରାଣ ମେଣ୍ଟାଇବା ପାଇଁ ସେ ନେତା ଓ ପ୍ରଶାସନିକ ଅଧିକାରୀଙ୍କ ପାଖକୁ ଦୌଡ଼ି ଦୌଡ଼ି ନିରାଶ ହୋଇଛନ୍ତି।

## ପୃଥକ୍ ଦୁର୍ଘଟଣା, ୨ ମୃତ

ଝରିଗାଁ,୧୮।୨(ସ୍ୱ.ପ୍ର)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକରେ ପୃଥକ ଘଟଣାରେ ମଙ୍ଗଳବାର ୨ ଜଣଙ୍କ ମୃତ୍ୟୁ ହୋଇଛି। ପାଣିରେ ବୁଡି ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଥିବା ବେଳେ ଅଜଣା ଗାଡି ଧକ୍କାରେ ଜଣଙ୍କ ମୃତ୍ୟୁ ଘଟିଛି। ଫୁପୁଗାଁ ଗ୍ରାମର ପଦ୍ମା ଭତ୍ରା(୬୦) ନିଜ ଜମିରେ ରହିଥିବା ପୋଖରୀକୁ ସବୁ ଦିନ ଭଳି ଗାଧୋଇବାକୁ ଯାଇଥିଲେ। ଗାଧୋଇବା ବେଳେ ପୋଖରୀରେ ବୁଡି ଯାଇଥିଲେ। ପଦ୍ମାଙ୍କ ଫେରିବାରେ ବିଳମ୍ବ ହେବାରୁ ପୁଅ ଖୋଜିବାକୁ ପୋଖରୀ ନିକଟକୁ ଯାଇଥିଲେ। ସେଠାରେ ପଦ୍ମାଙ୍କ ମୃତଦେହ ଭାସୁଥିବା ଦେଖିବାକୁ ପାଇଥିଲେ। ଖବର ପାଇ ପୋଲିସ ଘଟଣା ସ୍ଥଳେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲା। ସେହିପରି ବଡଟେମରା ପଞ୍ଚାୟତ ବାଗ୍‌ଡଙ୍ଗରୀ ଗ୍ରାମ ନିକଟରେ ଏକ ଅଜଣା ଗାଡି ଧକ୍କାରେ ସାଗଯୋବା ଗ୍ରାମର ଲଛମନ ଜାନୀ(୫୫)ଙ୍କ ମୃତ୍ୟୁ ହୋଇଛି। ଦୁଇ ମୃତଦେହକୁ ପୋଲିସ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣି ସେଠାରେ ବ୍ୟବଚ୍ଛେଦ କରାଯିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଭିତ୍ତିଭୂମିର ବିକାଶ ପାଇଁ ବଳିପଡିଲା ସବୁଜିମା

ନବରଙ୍ଗପୁର,୧୮।୨(ବି.ପ୍ର.)

ଭିତ୍ତିଭୂମିର ବିକାଶ ପାଇଁ ବଳି ପଡିଲା ସବୁଜିମା। ଗୋଟେ କି ଦୁଇଟି ନୁହେଁ ୧୦୭ ମୂଲ୍ୟବାନ ଶାଗୁଆନ ଗଛ କଟାଯାଇଛି। ନବରଙ୍ଗପୁର ଜିଲା ସଦର ମହକୁମା ଡାକ୍ତରଖାନା ପରିସରରେ ଏହା ଦେଖିବାକୁ ମିଳିଛି। ଡାକ୍ତରଖାନା ପରିସରରେ ୱାନଷ୍ଟପ ସେଣ୍ଟର ନିର୍ମାଣ ପାଇଁ ଏହି ଗଛ କଟାଯାଇଛି।

ନବରଙ୍ଗପୁର ଜିଲା ସଦର ମହକୁମା ଡାକ୍ତରଖାନା ପରିସରରେ ୱାନଷ୍ଟପ ସେଣ୍ଟର ନିର୍ମାଣ ପାଇଁ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ଥାନ ଚିହ୍ନଟ କରି ଦିଆଯାଇଥିଲା। ଯେଉଁ ସ୍ଥାନ ଚିହ୍ନଟ କରି ଦିଆଯାଇଥିଲା ସେଠାରେ ବହୁ ମୂଲ୍ୟବାନ ଶାଗୁଆନ ଗଛ ଥିଲା। ସୋମବାର ଓ ମଙ୍ଗଳବାର ଦୁଇଦିନ ଧରି ଗଛ କଟାଯାଇ ଏହା ଫରେଷ୍ଟ କର୍ପୋରେଶନ ଅଧୀନକୁ ଚାଲିଯାଇଛି। ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଛି। ଏବେ ଆଉ ସେଠାରେ


ଡାକ୍ତରଖାନା ପରିସରରେ କଟାଯାଇଥିବା ଗଛ ।

ଦେଖିବାକୁ ମିଳିବ ନାହିଁ ସବୁଜିମା ପରିବେଶ । କଟା ଯାଇଥିବା ଗଛର ୧୦ ମିଟର ଦୂରରେ ରହିଛି ଶିଶୁ ଓ ମାତୃ ଚିକିତ୍ସା କେନ୍ଦ୍ର । ଡାକ୍ତରଖାନାକୁ ରୋଗୀ ଆସିଲେ ଉକ୍ତ ସ୍ଥାନ ଛାୟା ପ୍ରଦାନ କରିବା ସହ ସୌନ୍ଦର୍ଯ୍ୟମୟ ଲାଗୁଥିଲା। ତାହା ଆଉ ଦେଖିବାକୁ ମିଳିବ ନାହିଁ। ଗତ ଦିନରେ ଜିଲା ସଦର ମହକୁମା ଡାକ୍ତରଖାନା ପରିସରରୁ ଶାଗୁଆନ ଗଛ କଟା ଯାଇଥିଲା। ଜିଲା ସଦର ମହକୁମା ଡାକ୍ତରଖାନା ପରିସରରେ ଗୋଟିଏ ମଧ୍ୟ ଗଛ ଲାଗିଲା ନାହିଁ। ଜିଲାରେ ଭିତ୍ତିଭୂମିର ଉନ୍ନତି ଓ ଜନସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ସେବା କାର୍ଯ୍ୟ ଲାଗି ପ୍ରସ୍ତାବିତ କୋଠା ନିର୍ମାଣ ପାଇଁ ଗଛ ଗୁଡିକ ବଳି ପଡୁଛି। ଜିଲା ସଦର ମହକୁମା ଡାକ୍ତରଖାନା ପରିସରରେ ଅନେକ ସ୍ଥାନ ରହିଛି। ତେବେ ଜିଲା ସଦର ମହକୁମା ଡାକ୍ତରଖାନା ନିର୍ମାଣ ସମୟରେ ଠିକ ଭାବେ ପ୍ଲାନିଂ ହୋଇନଥିବାରୁ ସ୍ଥାନ ଥାଇ ମଧ୍ୟ ଏହାର ଅଭାବ ଦେଖା ଦେଉଛି । ଜନସାଧାରଣଙ୍କ ସୁବିଧା ପାଇଁ

**ଜିଲା ସଦର ମହକୁମା ଡାକ୍ତରଖାନା**
**■ୱାନଷ୍ଟପ ସେଣ୍ଟର ପାଇଁ କଟାଗଲା ୧୦୭ ଶାଗୁଆନ ଗଛ**

ସରକାର ଯୋଜନା କରୁଛନ୍ତି । ପରବର୍ତ୍ତି ସମୟରେ ଭିତ୍ତିଭୂମିର ଆବଶ୍ୟକ ପଡୁଛି । ସେଥିପାଇଁ ମୂଲ୍ୟବାନ ଗଛ କଟାଯାଉଛି। ଏହା ଦ୍ୱାରା ପରିବେଶ ନଷ୍ଟ ହେଉଛି । ଏନେଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସନ୍ତୋଷ ସ୍ୱାଇଁଙ୍କୁ ପଚାରିବାରୁ ଉକ୍ତ ସ୍ଥାନରେ ୱାନଷ୍ଟପ ସେଣ୍ଟର ନିର୍ମାଣ କରାଯିବ ବୋଲି କହିଛନ୍ତି। ଡିଏଫଓ ଧନଞ୍ଜୟଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସିଡିଏମଓ ଗଛ କଟାଯିବା ପାଇଁ ଅନୁମତି ମାଗିଥିଲେ । ୧୦୭ ଟି ଶାଗୁଆନ ଗଛ କଟାଯିବାକୁ ଜାନୁୟାରୀ ୨୪ ତାରିଖରେ ଅନୁମତି ଦିଆଯାଇଛି । ଫରେଷ୍ଟ କର୍ପୋରେସନ ଗଛ କାଟିଛି । ତାହାର ଆକଳନ ସେ କରିବ । କଟାଯିବା ଗଛର ମୂଲ୍ୟ କେତେଟଙ୍କା ହେବ ବୋଲି ପ୍ରଶ୍ନ କରିବାରୁ ତାହା କର୍ପୋରେସନ ହିଁ ହିସାବ କରି କହିପାରିବ ବୋଲି କହିଛନ୍ତି।

## ମଣ୍ଡିରେ ପଡିଛି ୩୧, ୧୭୫ବସ୍ତା ଧାନ

କୋଡିଙ୍ଗା,୧୮।୨ (ଡି.ଏନ.ଏ.)

ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ କୋଡିଙ୍ଗା ଲ୍ୟାମ୍ପ୍ସ ଅଧୀନରେ ୫ ମଣ୍ଡିରେ ଧାନ କିଣାଯାଉଥିଲା । ସରକାରଙ୍କ ନିର୍ଦ୍ଦେଶକ୍ରମେ ଚଳିତ ସପ୍ତାହଠାରୁ ମଣ୍ଡିରେ ଧାନ କିଣା ବନ୍ଦ ହୋଇଛି। ଯେଉଁ ପଞ୍ଜିକୃତ ଚାଷୀଙ୍କ ଏ ପର୍ଯ୍ୟନ୍ତ ଧାନ ବିକିବା ପାଇଁ ଟୋକନ ବାହାରି ନାହିଁ ସେମାନେ ଧାନ କୋଡିଙ୍ଗା ମଣ୍ଡିରେ ଆଣି ପହଞ୍ଚାଇବେ ବୋଲି କୁହାଯାଇଛି। ଏଥିପାଇଁ ରବିବାର, ସୋମବାର ଦୁଇଦିନ ଧାର୍ଯ୍ୟ କରାଯାଇଥିଲା । ଏହି ଦୁଇଦିନରେ ଚାଷୀ କୋଡିଙ୍ଗା ମଣ୍ଡି ଆରଏମସି ମାର୍କେଟ କମ୍ପ୍ଲେକ୍ସରେ ଧାନଗଦା କରିଛନ୍ତି । କୋଡିଙ୍ଗା ମଣ୍ଡିରେ ୧୮୩ଜଣ ଚାଷୀ ୩୧, ୧୭୫ବସ୍ତା ଧାନ ମଣ୍ଡିରେ ଗଦା କରିଛନ୍ତି। ତହସିଲଦାର ଯାଞ୍ଚ କଲା ପରେ ଜିଲାପାଳଙ୍କୁ ରିପୋର୍ଟ ଦେବେ, ତାହା ପରେ ଚାଷୀଙ୍କ ନାମରେ ଟୋକନ ବାହାରିବ ଏବଂ ଧାନ ବିକ୍ରି ହେବ । କୋଡିଙ୍ଗା ଲ୍ୟାମ୍ପ୍ସ ପକ୍ଷରୁ ସମସ୍ତ ଚାଷୀ ଏବଂ ଧାନ ହିସାବ କରି କୋଡିଙ୍ଗା ତହସିଲଦାର ସବ୍ୟସାଚୀ ଜେନାଙ୍କୁ ମଙ୍ଗଳବାର ରିପୋର୍ଟ ଦିଆଯାଇଛି । ତହସିଲଦାରଙ୍କ କହିବା ଅନୁଯାୟୀ ବୁଧବାରଠାରୁ ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରାଯିବ । କୋଡିଙ୍ଗା ତହସିଲ ଅଧୀନରେ ୨ଟି ମଣ୍ଡି କୋଡିଙ୍ଗା ଏବଂ କୋଷାଗୁମୁଡା ରହିଥିବାରୁ ଗୋଟିଏ ଦିନରେ ଯାଞ୍ଚ ପ୍ରକ୍ରିୟା ହୋଇ ନପାରେ । ଏଥିସହ ବୁଧବାର ଠାରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହେଉଥିବାରୁ ପରୀକ୍ଷାରେ ମାଜିଷ୍ଟ୍ରେଟ ଦାୟିତ୍ୱ ତହସିଲଦାରଙ୍କ ରହିଛି। ତେଣୁ ପ୍ରକ୍ରିୟା ବିଳମ୍ବ ହେବାର ସମ୍ଭାବନା ଦେଖାଦେଇଛି । ଧାନକୁ ଆରଏମସି କର୍ମଚାରୀ ଜଗୁଛନ୍ତି। ମଣ୍ଡିରେ ଧାନ ଛାଡି ଘରେ ଶୋଇ ହେଉନାହିଁ । ତେଣୁ ମଣ୍ଡିରେ ରାତିରେ ଶୋଉଛୁ ବୋଲି କିଛି ଚାଷୀ କହିଛନ୍ତି। ବର୍ତ୍ତମାନ ଚାଷୀ ଧାନ ପକାଇ ୩ଦିନ ବିତିଗଲାଣି କେବେ ବିକ୍ରି ହେବ କିଛି ଜଣାପଡୁନାହିଁ । ଏ ନେଇ କୋଷାଗୁମୁଡା ଯୋଗାଣ ନିରୀକ୍ଷକଙ୍କୁ ପଚାରିବାରୁ ସେ କହିଲେ ପ୍ରକ୍ରିୟା ଜାରି ରଖିଛୁ ଅତିଶୀଘ୍ର ଚାଷୀଙ୍କ ଧାନ ଉଠାଯିବ । ଯୋଗାଣ ନିରୀକ୍ଷକ ରାଜେଶ ଶବର, କୋଡିଙ୍ଗା ଲ୍ୟାମ୍ପ୍ସ ଏମଡି ସୁଶାନ୍ତ ଖରା କହିଥିଲେ କି ଆମର ପ୍ରକ୍ରିୟା ଆମେ ଶେଷ କରିଦେଇଛୁ । ଚେଷ୍ଟା କରୁଛି ଅତିଶୀଘ୍ର ଟୋକେନ ବାହାର କରି ଧାନ ଉଠାଇବୁ ।


ମଣ୍ଡିରେ ଗଦା ହୋଇଥିବା ଧାନ ବସ୍ତା ।

## ନିଖିଳ ଉତ୍କଳ ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ


ଅତିରିକ୍ତ ଜିଲାପାଳଙ୍କୁ କର୍ମଚାରୀ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ନବରଙ୍ଗପୁର,୧୮।୨(ବି.ପ୍ର.)

ନିଖିଳ ଉତ୍କଳ ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘ ପକ୍ଷରୁ ୪ ଦଫା ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ନିମାଇ ଚରଣ ସୂତାରଙ୍କୁ ପ୍ରଦାନ କରାଯାଇଛି । ଏହି କର୍ମଚାରୀମାନଙ୍କୁ ୫ ପ୍ରତିଶତ ଭତ୍ତା ଜାନୁୟାରୀ ୨୦ ପରିବର୍ତ୍ତେ ଜାନୁୟାରୀ ୨୦୧୯ରୁ ପ୍ରଦାନ କରାଯାଉ । ଘର ଭଡା ବୃଦ୍ଧି କରାଯାଉ । ଜିଏ ବିଭାଗ ଦ୍ୱାରା ରିହାବିଲଟେସନ ସମ୍ପର୍କିତ ନିର୍ଦ୍ଦେଶନାମା ପ୍ରତ୍ୟାହାର କରିବାକୁ ଦାବି କରାଯାଇଛି । ୬୦ ପ୍ରତିଶତ ବକେୟା ଦରମା ପ୍ରଦାନ କରାଯାଉ ବୋଲି ସଂଘର ଏକ ପ୍ରତିନିଧିଦଳ ଅତିରିକ୍ତ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । ଜିଲା ଉପସଭାପତି ନରେନ୍ଦ୍ର କୁମାର ସାହୁ, ନିଳକଣ୍ଠ ନାୟକ ସମେତ ସଂଘର କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ ।

## ପ୍ରଥମ ଥର ପାଇଁ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ହେଲା ଅସ୍ତ୍ରୋପଚାର

ନବରଙ୍ଗପୁର,୧୮।୨(ବି.ପ୍ର.)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ମଙ୍ଗଳବାର ପ୍ରଥମ ଥର ପାଇଁ ଜଣେ ଗର୍ଭବତୀଙ୍କ ସଫଳ ଅସ୍ତ୍ରୋପଚାର କରାଯାଇଛି । ପାପଡାହାଣ୍ଡି ବ୍ଲକ ମୈଇଦଲପୁର ଗାଁର ରଣଜିତା ନାୟକଙ୍କ ପ୍ରସବ ଜନିତ ଯନ୍ତ୍ରଣା ହୋଇଥିଲା। ମୈଇଦଲପୁରରୁ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା । ସେଠାରେ ସ୍ତ୍ରୀ ରୋଗ ବିଶେଷଜ୍ଞ ଦିଲ୍ଲୀପ ଦଳେଇ ଅସ୍ତ୍ରୋପଚାର କରିଥିଲେ। ଏକ ଶିଶୁ ପୁତ୍ର ଜନ୍ମ ହୋଇଥିଲା । ମାଆ ଓ ଶିଶୁ ସୁସ୍ଥ ରହିଛନ୍ତି । କିଭଳି ଅସ୍ତ୍ରୋପଚାର ହେଲା ଓ ମାଆ ଶିଶୁ କିଭଳି ରହିଛନ୍ତି ତାହା ତଦାରଖ କରିବାକୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସନ୍ତୋଷ ସ୍ୱାଇଁ ଯାଇ ପରିଦର୍ଶନ କରିଥିଲେ । ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅସ୍ତ୍ରୋପଚାର ପାଇଁ କୌଣସି ବ୍ୟବସ୍ଥା ନଥିଲା । ଗର୍ଭବତୀଙ୍କୁ ପ୍ରସବ ପାଇଁ ଜିଲା ସଦର ମହକୁମା ଡାକ୍ତରଖାନାକୁ ପଠାଇ ଦିଆଯାଉଥିଲା। ଜାନୁୟାରୀ ୨୦ ତାରିଖରେ ଜିଲା ସ୍ୱାସ୍ଥ୍ୟ ବିଭାଗ ଓ ଜିଲାପାଳଙ୍କ ଉଦ୍ୟମ କ୍ରମେ ଆନୁସାଙ୍ଗିକ ବ୍ୟବସ୍ଥା କରାଯାଇଥିଲା।

## ଆଇନ ସଚେତନତା ଶିବିର

ନବରଙ୍ଗପୁର,୧୮।୨(ବି.ପ୍ର)–

ନବରଙ୍ଗପୁର ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ ପ୍ରକୋଷ୍ଠରେ 'ସାଇବର ଆଇନ ଓ ମୋଡିଫାଏଡ କ୍ଲେମସ ଟ୍ରିବୁନାଲ ଏଗ୍ରୀଡ ପ୍ରୋସିଡିୟର' ଉପରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲା ଜଜ ପ୍ରଣୟ କୁମାର ଦାସ, ମୁଖ୍ୟବକ୍ତା ଉପଖଣ୍ଡ ବିଚାର ବିଭାଗୀୟ ଦଣ୍ଡାଧିକାରୀ ଅମିତ କୁମାର ବାରିକ ଯୋଗ ଦେଇଥିଲେ। ସାଇବର ଆଇନ ଓ ମୋଡିଫାଏଡ କ୍ଲେମସ ଟ୍ରିବୁନାଲ ଏଗ୍ରୀଡ ପ୍ରୋସିଡିୟର ବିଷୟରେ ଅତିଥିମାନେ ଆଲୋକପାତ କରିଥିଲେ। ଏଥିସହ କିପରି ଏହି ଆଇନ ପାଳନ ହେବ ସେ ନେଇ ବୁଝାଇଥିଲେ। ଅନ୍ୟ ଅତିଥି ଭାବେ ଜିଲା ଆଇନ ସେବା ପ୍ରାଧିକରଣ ସମ୍ପାଦକ ପ୍ରସନ୍ନ କୁମାର ବେହେରା ଉପସ୍ଥିତ ଥିଲେ। ଏଥିରେ ଆଇନଜୀବୀ, ପୋଲିସ, ପାରା ଲିଗାଲ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ।

## ମୋ' ସରକାର ସମ୍ପର୍କ ଶିବିର



ଶିବିରରେ ଜିଲାପାଳ ଉଦ୍‌ବୋଧନ ଦେଉଛନ୍ତି ।

ନବରଙ୍ଗପୁର,୧୮।୨(ବି.ପ୍ର.)

ସମନ୍ୱିତ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ପକ୍ଷରୁ ନନ୍ଦାହାଣ୍ଡି (ଡଙ୍ଗରଭେଜା) ବ୍ଲକ କାର୍ଯ୍ୟାଳୟ ପରିସରରେ ମୋ' ସରକାର ବ୍ଲକ ସ୍ତରୀୟ ସମ୍ପର୍କ ଶିବିର ଅନୁଷ୍ଠିତ ହୋଇ ଯାଇଛି। ମୁଖ୍ୟ ଅତିଥି ଭାବେ ଜିଲାପାଳ ଅଜିତ କୁମାର ମିଶ୍ର ଯୋଗ ଦେଇ କହିଥିଲେ ଯେ, ଜନସାଧାରଣ ହେଉଛନ୍ତି ସରକାର। ସମସ୍ତେ ଯୋଜନା ସମ୍ପର୍କରେ ଅବଗତ ହେବେ । ପ୍ରଶାସନିକ ଅଧିକାରୀ ଓ କର୍ମଚାରୀ ଜନସାଧାରଣଙ୍କୁ ଉତ୍ତମ ବ୍ୟବହାର କରିବା ଆବଶ୍ୟକ । ଯେଉଁ ସବୁ କାମ ରହିଛି ତାହା ଠିକ ସମୟ ସୀମା ମଧ୍ୟରେ ଶେଷ କରାଯିବା ଆବଶ୍ୟକ । ଜିଲାରେ ୮ ହଜାର ହିତାଧିକାରୀ ଆବାସ ଯୋଜନାରେ ଘର ପାଇ ୫ ବର୍ଷ ହେବ ସମ୍ପୂର୍ଣ୍ଣ କରି ପାରି ନାହାନ୍ତି। ଏହା ଦ୍ୱାରା କେନ୍ଦ୍ର ସରକାରଙ୍କ ଠାରୁ ଆଉ ୮ ହଜାର ଘର ଅଧିକ ଜିଲା ପାଇଥାନ୍ତା ତାହା ହରାଇବାକୁ ପଡୁଛି । ଘର ତୁରନ୍ତ ନିର୍ମାଣ କଲେ ଅନ୍ୟ ହିତାଧିକାରୀମାନେ ମଧ୍ୟ ଘର ପାଇବାରେ ସହାୟକ ହୋଇ ପାରିବ । ସରକାରଙ୍କ ୫–ଟି ଓ ତାହାର ସଦ ବ୍ୟବହାର କରିବା ସମ୍ପର୍କରେ ଆଲୋକପାତ କରିଥିଲେ । ଯେଉଁଠି କିଏ ଟଙ୍କା ମାଗୁଛି ଓ ସେବା ଦେବାରେ ହଇରାଣ କରୁଛି ତେବେ ମୋ' ସରକାରଙ୍କ ଟୋଲ ଫ୍ରି ନମ୍ବର ୧୪୫୪୫ରେ ଯୋଗାଯୋଗ କରିବାକୁ କହିଥିଲେ । ଜିଲାପରିଷଦ ଅଧକ୍ଷା ଭଗବତୀ ଭତରା ଯୋଗ ଦେଇ ଯୋଜନା କିଭଳି ସଫଳ ରୂପାୟନ ହେବ ସେନେଇ ସମସ୍ତେ ସଚେନତ ହେବାକୁ କହିଥିଲେ । ବିଡିଓ ତଥା ଅତିରିକ୍ତ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ରତ୍ନାକର ସାହୁ ମଞ୍ଚ ପରିଚାଳନା କରିଥିଲେ। ପିଏଆଇଟିଡିଏ ଅଣାକାର ଠାକୁର, ତହସିଲଦାର ହିମାଂଶୁ ନାୟକ, ସହକାରୀ ଯନ୍ତ୍ରୀ ଉମେଶ ଚନ୍ଦ୍ର ମାଝୀ, ଅତିରିକ୍ତ ବିଡିଓ ରବି ଚନ୍ଦ୍ର କଅଁର, ଜିଲାପରିଷଦ ସଭ୍ୟା ମମତା ଭତରା, ବ୍ଲକ ଅଧ୍ୟକ୍ଷ ସନ୍ୟାସୀ ସୌରା, ବ୍ଲକ ସମ୍ପ୍ରସାରଣ ଅଧିକାରୀ ପ୍ରିୟ ଚାନ୍ଦ ମଲ୍ଲିକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ ପ୍ରମୁଖ ଉପସ୍ଥିତ ଥିଲେ । ଜିଲା ମଙ୍ଗଳ ଅଧିକାରୀ ପବିତ୍ର ମୋହନ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଏ ନେଇ ସଚତନତା ବାର୍ତ୍ତା ଦେଇ କୁତ୍ରାଗୁଡା, ନିସନାହାଣ୍ଡି ଓ ବଂଜିଗୁଡା ସେବାଶ୍ରମର ଛାତ୍ରୀ ମାନେ ଦଳଗତ ନୃତ୍ୟ ପରିବେଷଣ କରିଥିଲେ ।

## OFFICE OF THE MUNICIPAL COUNCIL, RAYAGADA

**No. 449** **Dtd. 17.02.2020**

**Tender Call Notice**

Sealed tenders are invited from the registered contractors of Government and Rayagada Municipality for execution of the following work on percentage basis as details enclosed. The sale of tender paper schedule will be available from **20.02.2020** to **29.02.2020** during Office Hours upto **5.30 PM** excluding Govt. holidays and shall be received upto **02.03.2020** upto **5.30 PM.** The tenders will be opened on **03.03.2020** at **11.30 AM** in presence of tenderers or their authorized representatives. The contractors should deposit the cost of Tender Paper in shape of Cash/Bank drafts drawn in favour of the undersigned to the office hours and original MR should be attached with the tender paper. The details can be obtained from the office of the undersigned during office hours on any working days. The undersigned reserves the right to Reject / Cancel any or all the tenders without assigning any reason thereof. The tenders should submit G.S.T Registration and I.T.C.C along with the tender.

| Sl. No. | Name of Work | Value of Work put to tender (Rs.) | E.M.D (Rs.) | Cost of Document/ Tender Paper | Class of Bidder | Period of Completion |
|---|---|---|---|---|---|---|
| 1 | Construction of RCC drain near Tirupati Panda Res. at DFO 10th Lane in ward no. 09 | 177364.21 | 1774 | 600 | D & C | 30 Days |
| 2 | Construction of RCC drain near Radha Krushna Panda Res. at DFO 10th lane in ward no. 09 | 177364.21 | 1774 | 600 | D & C | 30 Days |
| 3 | Construction of RCC drain at Depti Convent School front road in ward no. 09 | 177364.21 | 1774 | 600 | D & C | 30 Days |
| 4 | Construction of RCC drain from Bulu Nayak to Ajit Kumar Purusottam Res. at Mangala Mandir Park area in ward no. 09 | 177364.21 | 1774 | 600 | D & C | 30 Days |
| 5 | Construction of CC road from Ganesh Brahma to Bhima Gouda Res. in ward no. 09 | 177599.22 | 1776 | 600 | D & C | 30 Days |
| 6 | Construction of RCC drain near Narayana Jena Res. at DFO 10th lane in ward no. 09 | 177364.21 | 1774 | 600 | D & C | 30 Days |
| 7 | Construction of RCC drain from K. Ramesh towards Rasik Bag Res. at Mangala Mandir Park area in ward no. 09 | 177364.21 | 1774 | 600 | D & C | 30 Days |
| 8 | Construction of CC road at Behera Colony Slum area in ward no. 04 | 177201.82 | 1770 | 600 | D & C | 30 Days |
| 9 | Construction of RCC drain with Cover Slab upto Trinath Das Res. in ward no. 04 | 176738.63 | 1776 | 600 | D & C | 30 Days |
| 10 | Construction of RCC drain from Jagat Janani back side to Sahu Kuldeep Res. back side in w.no. 04 | 177364.21 | 1774 | 600 | D & C | 30 Days |
| 11 | Construction of RCC drain from Municipality staff Qtr back side to Kalandi Nayak Res. in ward No. 04 | 177364.21 | 1774 | 600 | D & C | 30 Days |
| 12 | Construction of RCC drain from R.K. Nagar 6th lane to A.S.I Gouda Babu Res. in ward no. 04 | 177364.21 | 1774 | 600 | D & C | 30 Days |
| 13 | Construction of RCC drain back side of Behera Colony in ward no. 04 | 177364.21 | 1774 | 600 | D & C | 30 Days |
| 14 | Construction of RCC drain back side of Durga Panda Res. in ward no. 04 | 177364.21 | 1774 | 600 | D & C | 30 Days |
| 15 | Construction of RCC drain back side of Raghab Raju Res. in ward no. 04 | 177364.21 | 1774 | 600 | D & C | 30 Days |
| 16 | Construction of RCC drain from Siru Mistry Res. to Jaydev Das Res. at Carpenter Street in ward no. 09 | 177364.21 | 1774 | 600 | D & C | 30 Days |
| 17 | Construction of RCC drain near R. Nilakantha Res. at DFO 10th lane in ward no. 09 | 177364.21 | 1774 | 600 | D & C | 30 Days |
| 18 | Construction of RCC drain from Kumar Sir Res. towards Smasan last line at Driver Colony in ward no. 09 | 177364.21 | 1774 | 600 | D & C | 30 Days |
| 19 | Construction of RCC drain from Gouri Nayak Res. towards Kartika Panda Res. DFO 2nd lane in ward no. 09 | 177364.21 | 1774 | 600 | D & C | 30 Days |
| 20 | Construction of RCC drain back side of Bhaskar Janta Res. to Jhula at Santi Nagar Sahi, Driver Colony in ward no. 09 | 177364.21 | 1774 | 600 | D & C | 30 Days |
| 21 | Construction of RCC drain from Kashi Nayak Res. towards Bikash Bibhar Res. at Driver Colony in ward no. 09 | 177364.21 | 1774 | 600 | D & C | 30 Days |
| 22 | Construction of CC road from Nabin Behera to B.Rajest Res. at Mangala Mandir Park area in ward no. 09 | 177002.84 | 1770 | 600 | D & C | 30 Days |
| 23 | Construction of CC road from Trinath Majhi Res. towards Binod Mandangi Res. Raniguda 11th lane Slum area | 177002.84 | 1770 | 600 | D & C | 30 Days |
| 24 | Construction of CC road from Krishna Kalka Res. towards Binod Basanta Ku Res. Raniguda 11th lane Slum area in ward no. 09 | 177002.84 | 1770 | 600 | D & C | 30 Days |
| 25 | Construction of RCC drain from Hira Behera towards ICE Godown Raniguda 11th lane Slum area in ward no. 09 | 177364.21 | 1774 | 600 | D & C | 30 Days |
| 26 | Construction of RCC drain from S. Rao Res. towards Khetrapal Sing Res. 11th lane Raniguda in ward no. 09 | 177364.21 | 1774 | 600 | D & C | 30 Days |
| 27 | Construction of RCC drain from Narasingh Bisoi towards K. Nagamani Res. Raniguda 11th lane in ward no. 09 | 177364.21 | 1774 | 600 | D & C | 30 Days |
| 28 | Construction of RCC drain from K.P. Sing Res. towards J. Taramurty Res. Raniguda 11th lane in ward no. 09 | 177364.21 | 1774 | 600 | D & C | 30 Days |
| 29 | Construction of RCC drain from back side of late Sanjaya Maharana Res. towards Sekhar Rao Res. Raniguda 11th lane Slum area in ward no. 09 | 177364.21 | 1774 | 600 | D & C | 30 Days |
| 30 | Construction of CC road from Sadananda Panigrahi Res. towards Durga Panigrahi Res. at Mangala Mandir Park area | 177002.84 | 1770 | 600 | D & C | 30 Days |
| 31 | Construction of RCC drain with Cover Slab from Nakula Palaka Res. towards Nilakantha Kandagiri Res. at Harijana Sahi in ward no. 05 | 176913.06 | 1769 | 600 | D & C | 30 Days |
| 32 | Construction of RCC drain from Manju Kadreka Res. towards Bhaskar Nayak Res. at Ghasi Sahi, Jhula Sahi in ward no. 03 | 177364.21 | 1774 | 600 | D & C | 30 Days |
| 33 | Construction of RCC drain with Cover Slab from Mukunda Bidika Res. towards Madhu Palka Res. at Harijan Sahi in ward no. 05 | 176913.06 | 1769 | 600 | D & C | 30 Days |
| 34 | Construction of RCC drain with Cover Slab from Sadananda Beria Res. towards Suresh Satpathy Res. at harijana Sahi in ward no. 05 | 176913.06 | 1769 | 600 | D & C | 30 Days |
| 35 | Construction of RCC drain with Cover Slab from Brundaban Lala Res. towards Binod Sabat Res. at harijana Sahi in ward no. 05 | 176913.06 | 1769 | 600 | D & C | 30 Days |
| 36 | Construction of RCC drain from Mandal Hari Behera Res. towards Angana Kadraka Res. at Ghasi Sahi, Jhula Sahi in ward no. 3 | 177364.21 | 1774 | 600 | D & C | 30 Days |
| 37 | Construction of RCC drain from Kasi Biswanath Res. towards Bipra Ch. Bisoi Res. at DFO 2nd lane in ward no. 09 | 177364.21 | 1774 | 600 | D & C | 30 Days |
| 38 | Construction of RCC drain from Ring Road Culvert towards Biju Kalyan Mandap road in ward no. 09 | 177364.21 | 1774 | 600 | D & C | 30 Days |
| 39 | Construction of RCC drain from G.M. Behera Res. towards K. Narendra Res. near Biju Kalyan Mandap in ward no. 09 | 177364.21 | 1774 | 600 | D & C | 30 Days |
| 40 | Construction of RCC drain Ramesh Res. towards R. Anand Kumar Res. back side of DFO 9th & 10th lane in ward no. 09 | 177364.21 | 1774 | 600 | D & C | 30 Days |
| 41 | Construction of CC road from Ashok Ku. Maharathi Res. towards Sana Saikumar Res. at DFO 9th & 10th back side road in ward no. 09 | 177002.84 | 1770 | 600 | D & C | 30 Days |
| 42 | Construction of CC road from P.C Choudhury Res. towards P. Ramesh Res. at DFO 9th & 10th back side road in ward no. 09 | 177002.84 | 1770 | 600 | D & C | 30 Days |
| 43 | Construction of CC road from P. Venkat Ratnam Res. towards S. Pattnaik Res. at DFO 9th lane in ward no. 09 | 177002.84 | 1770 | 600 | D & C | 30 Days |
| 44 | Construction of CC road from Late Krushna Barik Res. towards K. Ch. Sahu Res. at DFO 9th lane in ward no. 09 | 177002.84 | 1770 | 600 | D & C | 30 Days |
| 45 | Construction of CC road from Pradhan Babu Res. towards R. Nilay res. at DFO 9th lane in ward no. 09 | 177002.84 | 1770 | 600 | D & C | 30 Days |
| 46 | Construction of CC road from Rangy Kadraka res. towards Sania Minieka Res. at Ghasi Sahi, Jhula Sahi in ward no. 03 | 177002.84 | 1770 | 600 | D & C | 30 Days |
| 47 | Providing wearing coat over old road from Rama Gardia Res. to Debananda Benia Res. at Harijana Sahi in ward no. 05 | 177039.14 | 1770 | 600 | D & C | 30 Days |
| 48 | Providing wearing coat over old road from Sadananda Benia Res. to Ramesh Kumar Res. at Harijana Sahi in ward no. 05 | 177039.14 | 1770 | 600 | D & C | 30 Days |
| 49 | Construction of RCC drain Sambu Maharathi Res. towards S. Satya Res. back side of DFO 9th & 10th lane in ward no. 09 | 177364.21 | 1774 | 600 | D & C | 30 Days |
| 50 | Construction of RCC drain P. Manmad Rao Res. towards B.B. Gantayat Res. at DFO 9th lane in ward no. 9 | 177364.21 | 1774 | 600 | D & C | 30 Days |
| 51 | Construction of RCC drain from M.D. Rout Res. towards Deepti Convent Road Culvert in ward no. 09 | 177364.21 | 1774 | 600 | D & C | 30 Days |

2. Tender paper must be accompanied by Original Money Receipt / Bank Drafts for Paper Cost as mentioned at column 5 of the above.
3. Bids must be accompanied by **original money receipt (or) demand draft towards earnest money deposit as bid security of the amount** specified for the work in the table Col-4. Above in shape of fixed deposit receipt of scheduled bank / post office savings bank account / national saving certificate / postal office time deposit account duly **pledged in favour of the Executive Officer, Rayagada Municipality,** Rayagada Payable at Rayagada as specified for the work at Col -2 above.
4. Additional performance security shall be obtained from the bidder when the bid amount is less than the estimated cost put to tender. In such an event, only the successful bidder who has quoted less bid price / rates than the estimated cost put to tender minus the quoted the quoted amount as Additional Performance Security (A.P.S) in shape of Demand Draft/ Term Deposit Receipt Pledged in favour of the Divisional Officer within Seven Days. Otherwise the bid shall be cancelled and the security deposit shall be forfeited. Further, proceeding for Blacklisting shall be initiated against bidder.
5. The amount put to tender is exclusive of G.S.T and G.S.T will be paid as per the direction of the Finance Department Applicable from time to time.
6. If the rate quoted by the bidder is less than 15% of the tender amount than such a bid shall be rejected and the tender shall be finalized basing on merit of the rest bids. (Decimal up to nos. for the all practical purposes utilized) and the office memorandum no. 12366 dated. 08.11.13 of works deptt. Govt. of Odisha will be followed for finalization of tender and other amendments of OPWD code will be applicable as per Govt. notification.
7. The tender will be evaluated and diposed off as per rules and procedures laid down in OPWD code, OGFR Volumes I and OM Act & Rules- 1950.
8. The authority reserves the right to cancel any or all bids without assigning any reasons.

**Sd./- Executive Officer, Rayagada Municipality**

